ଧରିତ୍ରୀ
DHARITRI

May 14-20, 2023 ₹2/-

# ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

# ମା'

ସତରେ ମା'ର ଜୀବନ ଥାଏ ତା' ସନ୍ତାନ ଭିତରେ। ତା'ରି ହସରେ ସେ ହସେ, ତାରି ଦୁଃଖରେ କାନ୍ଦେ। ଆଉ ବିପଦ ପଡ଼ିଲେ ତ ଯମ ସହ ବି ଲଢ଼ି ଦେଇପାରେ ନୂଆ ଏକ ଜୀବନ...

# କରଜରୁ ମୁକ୍ତି ଚାହୁଁଥିଲେ...

ଅସୁବିଧାରେ ପଡି ମଣିଷ କରଜ କରିବାକୁ ବାଧ୍ୟ ହୁଏ। ଆଉ ନ ସୁଝିବା ପର୍ଯ୍ୟନ୍ତ ତାହା ତାଙ୍କୁ ବୋଝ ଭଳି ଲାଗିଥାଏ। ସେଥିପାଇଁ ଏଥିରୁ ଶୀଘ୍ର ମୁକ୍ତି ପାଇବାକୁ ସମସ୍ତେ ଚାହିଁଥାନ୍ତି। ହେଲେ ବେଳେବେଳେ ପରିସ୍ଥିତି ଏମିତି ଉପୁଜେ, କରଜ ସୁଝିବାକୁ ରଖିଥିବା ଟଙ୍କା ଅନ୍ୟ ବାଟରେ ଖର୍ଚ୍ଚ ହୋଇଯାଏ। ଏହା ବାସ୍ତୁଦୋଷରୁ ହୋଇଥାଏ ବୋଲି ଅନେକେ ବିଶ୍ୱାସ କରନ୍ତି। ତେଣୁ କରଜରୁ ଶୀଘ୍ର ମୁକ୍ତି ପାଇବା ପାଇଁ ବାସ୍ତୁଶାସ୍ତ୍ରରେ କେତୋଟି ଉପାୟ କୁହାଯାଇଛି। ଯେମିତିକି:

– ପକ୍ଷୀମାନଙ୍କୁ ଖାଇବାକୁ ଦେଲେ



କରଜରୁ ଶୀଘ୍ର ମୁକ୍ତି ମିଳିବାର ବାଟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ପ୍ରତିଦିନ ହେଉ ଅବା ମଙ୍ଗଳବାର ଓ ଶନିବାର ଦିନ ପକ୍ଷୀମାନଙ୍କୁ କିଛି ଦାନା ଖାଇବାକୁ ଦେଲେ, ୨/୩ ଦିନ ଭିତରେ ଏହାର ସୁପ୍ରଭାବ ଅନୁଭବ ହୋଇଥାଏ।

– କୁହାଯାଏ, ଦୁଃଖୀଦରିଦ୍ରଙ୍କୁ ଖାଇବାକୁ ଦେଲେ ବି ଜୀବନ ଖୁସି ଭରିଯାଏ। ବିଶେଷକରି ମଙ୍ଗଳବାର ଓ ଶନିବାର ଦିନ ଏହି ପୁଣ୍ୟ କର୍ମ କଲେ ସୁଖଶାନ୍ତି ମିଳିବା ସହ ଶୀଘ୍ର କରଜରୁ ମୁକ୍ତି ପାଇବାର ବାଟ ଖୋଲିଯାଏ।

–ମାଙ୍କଡ଼ଙ୍କୁ ପ୍ରତି ମଙ୍ଗଳବାର ଦିନ ମିଠା,କଦଳୀ ଅବା ବୁଟ ଖାଇବାକୁ ଦେଲେ ପ୍ରଭୁ ହନୁମାନ ପ୍ରସନ୍ନ ହୋଇଥାନ୍ତି ବୋଲି କୁହାଯାଏ। ଆଉ ତାଙ୍କରି ଆଶୀର୍ବାଦରୁ ଶୀଘ୍ର କରଜ ସୁଝିବାକୁ ଆମକୁ ଉପାୟ ମିଳିଥାଏ।

–କୁକୁରକୁ ମିଠା ବିସ୍କୁଟ୍ ଖାଇବାକୁ ଦେଲେ କରଜରୁ ମୁକ୍ତି ମିଳିବା ସହ ଘରୁ ନକରାତ୍ମକ ଉର୍ଜା ଦୂର ହୋଇ ଶାନ୍ତି ବଜାୟ ରହିଥାଏ ବୋଲି ବାସ୍ତୁବିତ୍‌ମାନେ ମତ ଦେଇଥାନ୍ତି।

–ଗାଈଙ୍କୁ ଘରେ ପ୍ରସ୍ତୁତ ହେଉଥିବା ଖାଦ୍ୟ କିମ୍ବା ରୁଟିକୁ ପ୍ରଥମେ ଖାଇବାକୁ ଦେଲେ କରଜରୁ ଶୀଘ୍ର ମୁକ୍ତି ମିଳିବାର ବାଟ ଖୋଲିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୧୪-୨୦

**ମେଷ**: କାର୍ଯ୍ୟସିଦ୍ଧି, ମାନସିକ ଶାନ୍ତି, ଆଶା ପୂରଣ, ଆମୋଦ ପ୍ରମୋଦର ମଉକା, ପଦମର୍ଯ୍ୟାଦା ବୃଦ୍ଧି, ଆତ୍ମୀୟଙ୍କ ବିରୋଧାଭାଷ, ଆର୍ଥିକ ଦୁରବସ୍ଥା, ଦୃଢ ନିଷ୍ପତି ନେବେ, ବନ୍ଧୁ ମିଳନରୁ ଆନନ୍ଦ, କଳା ସାହିତ୍ୟରେ ସମ୍ମାନ ॥

**ବୃଷ**: ଶାରିରୀକ ସୁସ୍ଥତା, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗ ଲାଭ, ଆର୍ଥିକ ଅଭିବୃଦ୍ଧି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ସନ୍ତାନଙ୍କ କୃତିତ୍ୱ, ଭୁଲ୍ ଖବରରୁ ବିସ୍ମୟ, ଖର୍ଚ୍ଚଭାର ବୃଦ୍ଧି, ସାମାଜିକ ସମ୍ମାନ, ରୋଗପୀଡା କମିବ, ଦୂରଯାତ୍ରା କରିପାରନ୍ତି।

**ମିଥୁନ**: ସାଂସ୍କୃତିକ କାର୍ଯ୍ୟ ଆରମ୍ଭ, ସାହାଯ୍ୟ ସହଯୋଗ ପାଇବେ, ଆର୍ଥିକ ଉନ୍ନତି, ପ୍ରତୀକ୍ଷିତ ଖବର ପ୍ରାପ୍ତି, ବ୍ୟବସାୟ ସଙ୍କୁଚିତ ହୋଇପାରେ, ଭ୍ରାତୃ ବିବାଦର ସମାଧାନ, ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନୀ, ପାରିବାରିକ ଶାନ୍ତି ।

**କର୍କଟ**: କର୍ମଜଞ୍ଜାଳ ବୃଦ୍ଧି, ନୂତନ ମିତ୍ରତା ସୃଷ୍ଟି, ନିଜ ପରିସରରେ ସମ୍ମାନ, ଭୁଲ କାମରୁ ଅନ୍ତର୍ଦ୍ୱନ୍ଦ୍ୱ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସମସ୍ୟାର ସମାଧାନ, ପଡୋଶୀଙ୍କ ଉଦାରତା, ସ୍ଥାନ ପରିବର୍ତ୍ତନର ଚିନ୍ତା ॥

**ସିଂହ**: କାର୍ଯ୍ୟହାନୀରୁ ମନସ୍ତାପ, ଅପୂରଣୀୟ ଆଶାରୁ ଦୁଃଖ, କୈଫିୟତ୍ ତଲବ, ପ୍ରତିକ୍ଷୀତ ଖବରପ୍ରାପ୍ତି, ଲୋକସମ୍ପର୍କ ବୃଦ୍ଧି, ଟେନସନ୍ କମିଯିବ, ଋଣ ପରିଶୋଧର ଯୋଜନା, ତୀର୍ଥାଟନର ପରିକଳ୍ପନା ॥

**କନ୍ୟା**: କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ପରିସ୍ଥିତି ବଦଳିବ, ସାଂସ୍କୃତିକ ସମ୍ମାନ ପାଇବେ, ବିବାଦର ସମାଧାନ, ଶିଳ୍ପ ବାଣିଜ୍ୟରେ ସମସ୍ୟା, ପ୍ରତିଯୋଗୀତାରେ ସଫଳତା, ଫଳପ୍ରଦ ଯାତ୍ରା କରିବେ, କାର୍ଯ୍ୟସାଧନରୁ ଆତ୍ମତୃପ୍ତି, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ ॥

**ତୁଳା**: ଉନ୍ନତ ଚିନ୍ତାଧାରା, ବଚନବଦ୍ଧତାରୁ ପ୍ରଶଂସା, ଗବେଷଣାରେ ଅଗ୍ରଗତି, ଜନକଲ୍ୟାଣ କର୍ମ, ବନ୍ଧୁଙ୍କ ଅନୁରକ୍ତି ଲାଭ, ମତାନ୍ତରରୁ ମନସ୍ତାପ, ଯାନ୍ତ୍ରିକ ଶିଳ୍ପରେ ଉନ୍ନତି, ସହକର୍ମୀଙ୍କ ଛଳନା, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ॥

**ବିଛା**: ନୂତନ କର୍ମାରମ୍ଭ, ସମ୍ପର୍କ ଫେରିବ, ପରିସ୍ଥିତି ବଦଳିବ, ଦୂରଯାତ୍ରା, ଫଳପ୍ରଦ ଆଲୋଚନା, ଆତ୍ମୀୟଙ୍କ ଅପପ୍ରଚାର, ଦ୍ରବନଷ୍ଟରୁ କ୍ଷୋଭ, ରଚନାତ୍ମକ କାମରୁ ପ୍ରଶଂସା । ପାରିବାରିକ ସମସ୍ୟା, ଅନ୍ୟମନସ୍କତାରୁ ସମସ୍ୟା ॥

**ଧନୁ**: ସୁଯୋଗ ହରାଇବେ, ଭୁଲ୍ ବୁଝାମଣାରୁ କଳହ, କର୍ମାରମ୍ଭରେ ପ୍ରତିବନ୍ଧକ, ବନ୍ଧୁଙ୍କ ବିଶ୍ୱାସ ଘାତକତା, ଜମିଜମା କାରବାର, ସନ୍ତାନଙ୍କ ସ୍ୱାସ୍ଥ୍ୟ ହାନୀ, ଦର୍ଶନୀୟ ସ୍ଥାନ ପରିଦର୍ଶନ, ଧର୍ମକାର୍ଯ୍ୟରେ ରୁଚି ॥

**ମକର**: ଅବସ୍ଥା ବଦଳିଯିବ, ବୁଝାମଣାରେ ତ୍ରୁଟି, ବନ୍ଧୁଙ୍କ କଟାକ୍ଷ, ସରକାରୀ ସହାୟତା ପାଇବେ, ନୂତନ ସମ୍ପର୍କ ସୃଷ୍ଟି, ସ୍ଥଗିତ କାର୍ଯ୍ୟାରମ୍ଭ, କରଜଦାତାଙ୍କ ଚାପ, ଜମିଜମା କ୍ରୟବିକ୍ରୟ, ବ୍ୟବସାୟିକ ଉନ୍ନତି ॥

**କୁମ୍ଭ**: ଯୋଜନାରେ ସଫଳତା, ବନ୍ଧୁବର୍ଗଙ୍କ ପ୍ରଶଂସା, ପାରିପାର୍ଶ୍ୱିକ ଉଦାସୀନତା, ପରୋକ୍ଷ ଶତ୍ରୁତା, ବନ୍ଧୁ ଭୁଲ୍ ବୁଝିବେ, ଅଧାପନ୍ତରିଆ କାର୍ଯ୍ୟରୁ ଭର୍ତ୍ସନା, ବ୍ୟୟ ବୃଦ୍ଧିରୁ ମତାନ୍ତର, ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଶ୍ୱାସନା, ନୂତନ ନିଯୁକ୍ତି ସୂଚନା ॥

**ମୀନ**: ଶୁଭ ଖବରପ୍ରାପ୍ତି, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ବିବାଦୀୟ ମନ୍ତବ୍ୟରୁ କଳହ, ମୂଲ୍ୟବାନ ଜିନିଷ କ୍ରୟ, ପାରିବାରିକ ଅଶାନ୍ତି, ବିଦେଶ ଯାତ୍ରାର ସୁଯୋଗ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ମକଦ୍ଦମାରେ ବିଜୟପ୍ରାପ୍ତି, ହିତୈଷୀଙ୍କ ଶୁଭକାମନା।

# ଘର ପୋଛିବାକୁ ନେଇ ନିୟମ

**ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ପ୍ରତ୍ୟେକ ଦିନ ଆମେ ଝାଡୁ କରିବା ସହ ଘର ମଧ୍ୟ ପୋଛିଥାଉ। ତେବେ ବାସ୍ତୁଶାସ୍ତ୍ର ଅନୁସାରେ, ଘର ପୋଛିବାକୁ ନେଇ ବି ରହିଛି କିଛି ନିୟମ; ଯାହାକୁ ମାନିଲେ ଘରେ ସୁଖଶାନ୍ତି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି ...**



✲ ବ୍ରାହ୍ମ ମୁହୂର୍ତ୍ତରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ, ଆପଣଙ୍କୁ ଯେତେବେଳେ ସୁବିଧା ସେତେବେଳେ ଘର ପୋଛି ପାରିବେ। କିନ୍ତୁ ଭୁଲ୍‌ରେ ବି ସନ୍ଧ୍ୟା ଦେବା ପରେ କିମ୍ବା ରାତିରେ ଘର ପୋଛିବେ ନାହିଁ। ଏହା ଘର ପାଇଁ ବିପଦ ଆଣିଥାଏ ବୋଲି ବିଶ୍ୱାସ ରହିଛି।

✲ ସେହିପରି ଘରର କୌଣସି ସଦସ୍ୟ କାମରେ ବାହାରି ଯିବା ପରେ ସଙ୍ଗେସଙ୍ଗେ ଘରେ ଝାଡୁ କରି ପୋଛିବା ଆଦୌ ଉଚିତ୍ ନୁହେଁ। ଏହଦ୍ୱାରା ବ୍ୟକ୍ତିଙ୍କର କର୍ମରେ ବାଧା ଉପୁଜିବାର ସମ୍ଭାବନା ଥାଏ ବୋଲି କୁହାଯାଏ।

✲ ଘର ପୋଛିବା ସମୟରେ ପାଣିରେ କିଛି ଲୁଣ ମିଶାଇ ସେଥିରେ ଘର ପୋଛିଲେ ଘରୁ ନକାରାତ୍ମକ ଶକ୍ତି ନଷ୍ଟ ହୋଇ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

✲ ସପ୍ତାହକ ସାତ ଦିନ ଯଦି ଘର ପୋଛି ପାରୁ ନାହାନ୍ତି, ତା'ହେଲେ ସୋମବାର, ଗୁରୁବାର ଓ ଶନିବାର ଘର ପୋଛିବାକୁ ଚେଷ୍ଟା କରନ୍ତୁ। କାରଣ ଏହି ତିନିଦିନ ଘର ପୋଛିଲେ ମାତା ଲକ୍ଷ୍ମୀଙ୍କ ସହିତ ଶନି ଦେବ ଖୁସି ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି।

✲ ଘର ପୋଛିବା ସମୟରେ ମନକୁ ସବୁବେଳେ ଖୁସି ଖୁସି ରଖିବା ଦରକାର। ଉଦାସ ମନରେ ଘର ପୋଛିଲେ ଏହାର କୁପ୍ରଭାବ ଘରର ସୁଖଶାନ୍ତି ଓ ପରିବାର ଲୋକଙ୍କ ଉପରେ ପଡିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

# ପାଠକୀୟ

▶ଶ୍ରମକୁ ସାହାରା କରି ପରିବାର ପ୍ରତିପୋଷଣ କରିବା ସହ ନିଜ ପାଇଁ ଏକ ପରିଚୟ ତିଆରି କରିଥିବା ନାରୀମାନଙ୍କ କଥାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଶ୍ରମ ହିଁ ସାହାରା' ଏକ ନିଆରା ଆଲେଖ୍ୟ ଥିଲା। 'କେଉଁ ଅଙ୍ଗର କଳାଜାଇ କେତେ ଶୁଭ', 'ସୌଭାଗ୍ୟ ଆଣେ ବାମ୍ବୋପ୍ଲାଣ୍ଟ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ଶିବାଙ୍ଗୀ ଦାଶ, ପଟିଆ, ଭୁବନେଶ୍ୱର*

▶ତାଙ୍କ ପାଖରେ ନାହିଁ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ବା କୌଣସି ଚାକିରି। କିନ୍ତୁ ପରିବାର ପ୍ରତିପୋଷଣ ପାଇଁ ଏମାନେ ଅଣ୍ଟା ଭିଡ଼ିଛନ୍ତି। ଘରର ପୁରୁଷମାନେ ଯେ କେବଳ ଘରର ଦାୟିତ୍ୱ ନେବେ ସେ କଥାକୁ ବି ଭୁଲ ପ୍ରମାଣିତ କରିଛନ୍ତି। ଶ୍ରମକୁ ସାହାରା କରି ଜୀବନ ଜିଇଁବା ସହ ନିଜ ପାଇଁ ଏକ ପରିଚୟ ସୃଷ୍ଟି କରିଥିବା କେତେଜଣ ନାରୀମାନଙ୍କର କାହାଣୀକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଶ୍ରମ ହିଁ ସାହାରା' ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ସମର୍ ସ୍କାର୍ଫ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ସୌମେନ୍ଦ୍ର ପ୍ରିୟଦର୍ଶୀ, ଜଙ୍କିଆ, ଖୋର୍ଦ୍ଧା*

▶ବ୍ୟକ୍ତିତ୍ୱ ପୃଷ୍ଠାରୁ ମଞ୍ଚକଳାକାର, କବି, ଗାଳ୍ପିକ, ନାଟ୍ୟକାର, ଶିକ୍ଷାବିତ୍, ଦାର୍ଶନିକ ତଥା ଅନେକ ଐତିହାସିକ ପୁସ୍ତକର ରଚୟିତା ଡ. ଅଭିମନ୍ୟୁ ଜେନାଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପ୍ରତିକ୍ଷା' ଶୀର୍ଷକ ଗପଟି ଯେମିତି ହୃଦୟସ୍ପର୍ଶୀ ଥିଲା 'ନିବେଦନ' ଶୀର୍ଷକ କବିତାଟି ବି ସେତିକି ମନଛୁଆଁ ହୋଇପାରିଥିଲା।

*– ବିଚିତ୍ରାନନ୍ଦ ଷଡଙ୍ଗୀ, ବାଙ୍ଗାଲୋର*

▶ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ଖୋଜୁଛନ୍ତି ହ୍ରିତିକ୍', 'ଟେନସନ୍‌ରେ ସାରା', 'ଶ୍ରଦ୍ଧାଙ୍କ ରୋଲ୍ ମଡେଲ୍', 'ଭାଗ୍ୟବତୀ ଆଲୟା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ହୋଇଥିଲା। ଶିଶୁ ସାହିତ୍ୟିକ ତଥା ଅଧ୍ୟାପକ ପ୍ରମୋଦ ବିଶ୍ୱାଳଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବି ବେଶ୍ ମନଛୁଆଁ ଥିଲା।

*– ସସ୍ମିତା ପାଇକରାୟ, ଜଟଣି, ଖୋର୍ଦ୍ଧା*

▶ଡାଟା ଡିଲିଟ୍ ପାଠଟି ବେଶ୍ ଶିକ୍ଷଣୀୟ ଥିଲା। ମଡେଲ୍ ମିରର୍‌ରେ ବିପ୍ଳବ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ମନୋରମ ପର୍ଯ୍ୟଟନସ୍ଥଳୀ ସୋଲନ୍ ସମ୍ପର୍କରେ ସହର ପୃଷ୍ଠାରୁ ପଢି ବହୁ ଅଜଣା କଥା ଜାଣିହେଲା। ସେହିପରି ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ଏଥରର ଚିନ୍ମୟ ଚିନ୍ତନ 'ଭଗବାନ କାହିଁକି ଚୁପ୍ ରୁହନ୍ତି' ଏକ ହୃଦୟସ୍ପର୍ଶୀ ତଥା ଶିକ୍ଷଣୀୟ ବିଷୟବସ୍ତୁ ହୋଇଥିଲା।

*– ତମନ୍ନା ବିଶ୍ୱାଳ, ପାରାଦ୍ୱୀପ*




## ବିଶେଷ ଚିଠି

ଶ୍ରମ ହିଁ ସାହାରାକୁ ନେଇ
ଥିଲା ଏଥରର ପ୍ରଚ୍ଛଦ,
ଶିଖାଇଲା ଅନେକ କିଛି
ମନେ ଭରିଲା ଆନନ୍ଦ।
ଏଥରର ବ୍ୟକ୍ତିତ୍ୱ ବି
ଥିଲା ଖୁବ୍ ଚମତ୍କାର,
ସାଥୀର ଉତ୍ତର ବି ଭରୁଥିଲା
ମନେ ଖୁସିର ଜୁଆର।
ହେ ମୋର ପ୍ରିୟ ଛୁଟିଦିନ
ସେଥିପାଇଁ ଝୁରେ ମୁଁ ତୁମକୁ ନିତିଦିନ।

*– ଅଶୋକ କୁମାର ମହାନ୍ତି*
*ଚକ୍ରତୀର୍ଥ ରୋଡ, ପୁରୀ–୨*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



**ମା'  ଶବ୍ଦର କଳନା ନାହିଁ କି ତା' ମମତାର ତୁଳନା ନାହିଁ। ତା'କୋଳରେ ଟିକେ ଶୋଇପଡିଲେ ମନକୁ ମିଳିଯାଏ ଶାନ୍ତି। ତା'ପଣତ ତଳେ ନ ଥାଏ କିଛି କଥାକୁ ଭୟ। ନିଜ ଜୀବନଠାରୁ ବି ଅଧିକ ଗୁରୁତ୍ୱ ଦିଏ ତା' ପିଲାର ଜୀବନକୁ। ସେଥିପାଇଁ ତ ମା'କୁ କୁହାଯାଏ ଜନ୍ମଦାତ୍ରୀ, ଜୀବନଦାତ୍ରୀ...**

# ମା'

ମା' ଶବ୍ଦର କଳନା ନାହିଁ କି ତା' ମମତାର ତୁଳନା ନାହିଁ। ତା'କୋଳରେ ଟିକେ ଶୋଇପଡିଲେ ମନକୁ ମିଳିଯାଏ ଶାନ୍ତି। ତା'ପଣତ ତଳେ ନ ଥାଏ କିଛି କଥାକୁ ଭୟ। ଭଗବାନଙ୍କ ଏକ ସୁନ୍ଦର ଉପହାର ହେଉଛି ମା'। ଯିଏକି ପିଲା ଉପରକୁ ଆସୁଥିବା ବିପଦ ସାମ୍ନାରେ ସବୁବେଳେ ଢାଲ ହୋଇ ଠିଆ ହୁଏ। ନିଜ ଜୀବନଠାରୁ ଅଧିକ ଗୁରୁତ୍ୱ ଦିଏ ତା' ପିଲାର ଜୀବନକୁ। ସେଥିପାଇଁ ମା'କୁ କୁହାଯାଏ ଜନ୍ମଦାତ୍ରୀ, ଜୀବନଦାତ୍ରୀ। ଏଠାରେ ସେମିତି କେତେଜଣ ମା'ଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଉଛି ; ଯେଉଁମାନେ ନିଜ ଜୀବନକୁ ବାଜି ଲଗାଇ ବିପଦରେ ପଡିଥିବା ନିଜ ପିଲାଙ୍କୁ ବଞ୍ଚାଇଛନ୍ତି...

## ୩ ଘଣ୍ଟାର ସଂଘର୍ଷ ପରେ ନଈରୁ ପୁଅକୁ ରକ୍ଷା କଲା ମା'

ରାୟଗଡ଼ା ସଦର ବ୍ଲକ କୁମ୍ଭୀକଟା ପଞ୍ଚାୟତ ଅନ୍ତର୍ଗତ ପୁଞ୍ଜାପାଇ ଗ୍ରାମର ବାସିନ୍ଦା ହେଲେ ନନ୍ଦୀ ମାଣ୍ଡାଙ୍ଗୀ। ତାଙ୍କୁ ଏବେ ୨୭ ବର୍ଷ ବୟସ। ସ୍ୱାମୀ ପରିତ୍ୟକ୍ତା ନନ୍ଦୀଙ୍କର ସାହାରା କହିଲେ ତାଙ୍କର ବୃଦ୍ଧ ବାପାମା' ଓ ୭ ବର୍ଷର ପୁଅ ରୋହିତ କୁଲେସିକା। ନନ୍ଦୀଙ୍କର ବାପାମା' ଏବେ ଶଯ୍ୟାଶାୟୀ। ତେଣୁ ଘରର ସବୁ ଦାୟିତ୍ୱ ନନ୍ଦୀଙ୍କ କାନ୍ଧରେ। ପରିବାରର ଗୁଜରାଣ ମେଣ୍ଟାଇବାକୁ ଏବଂ ପୁଅକୁ ପାଠ ପଢାଇ ମଣିଷ କରିବାକୁ ନନ୍ଦୀଙ୍କୁ ଚାଷ କରିବା, କୁଲି ମଜୁରି କରିବାକୁ ପଡିଥାଏ। ନନ୍ଦୀଙ୍କ ଘରଠାରୁ କିଛି ଦୂରରେ ପ୍ରବାହିତ ହୋଇଥାଏ ରାଣୀଗଙ୍ଗା ନଈ। ପ୍ରତିଦିନ ଏହି ନଈ ଭିତରେ ପଶି ନନ୍ଦୀ ନିଜ ବିଲକୁ ଯାଆନ୍ତି କାମ କରିବାକୁ। ବେଳେବେଳେ ପୁଅକୁ ବି ସାଙ୍ଗରେ ନେଇଯାନ୍ତି। ଗତବର୍ଷ ବର୍ଷାଦିନେ ନନ୍ଦୀଙ୍କ ବାପାମା'ଙ୍କର ଦେହ ସେତେ ଭଲ ନ ଥାଏ। ବର୍ଷାଟିକେ ଛାଡି ଯାଇଥିବାରୁ ପୁଅକୁ ସାଙ୍ଗରେ ନେଇ ସେ ନଈ ପାର ହୋଇ ବିଲକୁ ଯାଇଥାନ୍ତି କାମ କରିବାକୁ। ହଠାତ୍ ବର୍ଷା ଆରମ୍ଭ ହୋଇଗଲା। ପୁଅ କାନ୍ଦିବାରୁ ତାକୁ ଘରେ ଛାଡ଼ିବାକୁ ତରତର ହୋଇ ନନ୍ଦୀ ପୁଅକୁ କାଖେଇ ସେହି ନଈ ଭିତରେ ପଶିଗଲେ। ଅଳ୍ପ କିଛିବାଟ ଆସିଛନ୍ତି, ହଠାତ୍ ନଈରେ ପାଣି ବଢିଗଲା। ସୁଅ ବଢିବାରୁ ନନ୍ଦୀ ଆଉ ନଈ ଭିତରେ ଠିକ୍‌ରେ ଚାଲିପାରିଲେ ନାହିଁ। ପହଁରା ଜାଣି ନ ଥିବା ନନ୍ଦୀ ପାଣି ଭିତରେ ଅସହାୟ ହୋଇପଡିଲେ। ଅନ୍ୟ କିଛି ଉପାୟ ନ ପାଇ ନନ୍ଦୀ ବେକରେ ପକାଇଥିବା ଗାମୁଛାରେ ନିଜ ସହ ପୁଅକୁ ଜୋର୍‌ରେ ବାନ୍ଧିଦେଲେ। ମଝି ନଈରେ ସୁଅ ମୁହଁରେ ପଡିଗଲେ ମା'ପୁଅ। ସୁଅ ତାଙ୍କୁ ଭସାଇ ନେଉଥିଲେ ବି ପୁଅକୁ ଜୋର୍‌ରେ ଜାବୁଡ଼ି ଧରିଥିଲେ ନନ୍ଦୀ। ଭାସୁଥିବାବେଳେ ପାଣି ଭିତରେ ଏକ ବଡ଼ ପଥର ଥିବାର ନନ୍ଦୀ ଦେଖିଲେ। କଷ୍ଟେମଷ୍ଟେ ସେହି ପଥରକୁ ଜୋର୍‌ରେ ଜାବୁଡ଼ି ଧରି ବଞ୍ଚାଅ ବଞ୍ଚାଅ ଚିତ୍କାର କଲେ ନନ୍ଦୀ। ସେତେବେଳକୁ ପୁଅ ତାଙ୍କର ପାଣି ପିଇ ନିସ୍ତେଜ ଅବସ୍ଥାକୁ ଆସିଗଲାଣି। ପୁଅର ଅବସ୍ଥା ଦେଖି ବିକଳ ହୋଇ ଭଗବାନଙ୍କୁ ଯେତିକି ଗୁହାରି କରୁଥାନ୍ତି ସେତିକି ଜୋର୍‌ରେ ବିକଳ ହୋଇ ନନ୍ଦୀ ଚିତ୍କାର କରୁଥାନ୍ତି କିଏ ଅଛ ବଞ୍ଚାଅ, ବଞ୍ଚାଅ ! ମୋ ପୁଅକୁ କିଏ ବଞ୍ଚାଅ ! ଏମିତି କେତେ ସମୟ ଗଲାପରେ କିଛି ଯୁବକ ସେହି ରାସ୍ତା ଦେଇ ଯାଉଥିଲେ। ନନ୍ଦୀଙ୍କର ପାଟିଶୁଣି ସେମାନେ ଦୌଡି ଆସିଲେ ରକ୍ଷା କରିବାକୁ। କିନ୍ତୁ ନଈରେ ସୁଅ ବଢି ଯାଇଥିବାରୁ ସେମାନେ ନଈ ଭିତରକୁ ପଶିପାରୁ ନଥିଲେ। ସଙ୍ଗେସଙ୍ଗେ ଦୌଡିଯାଇ ସେମାନେ ରଶି ଆଉ ଗାମୁଛା ଆଣିଲେ। ରଶିରେ ଗାମୁଛା ଆଉ ଗାମୁଛା ଭିତରେ ପଥର ବାନ୍ଧି ସେମାନେ ନନ୍ଦୀଙ୍କ ପାଖକୁ ପକାଇଲେ। କିନ୍ତୁ ରଶିକୁ ଧରିବା ପୂର୍ବରୁ ତାହା ସୁଅରେ ନନ୍ଦୀଙ୍କଠାରୁ ଦୂରେଇ ଯାଉଥିଲା। ଏମିତି ୪/୫ଥର ହେବା ପରେ ଶେଷରେ ଭଗବାନଙ୍କ ଦୟାରୁ ରଶିକୁ ଧରିବାରେ ନନ୍ଦୀ ସକ୍ଷମ ହେଲେ ଆଉ ସେହି ଯୁବକମାନେ ନନ୍ଦୀ ଆଉ ତାଙ୍କ ପୁଅକୁ ଟାଣିକି ନଈରୁ ସେଦିନ ଉଦ୍ଧାର କଲେ। ଦୀର୍ଘ ୩ ଘଣ୍ଟା ଲାଗିଯାଇଥିଲା ମା'ପୁଅଙ୍କୁ ସେଦିନ ନଈରୁ ବାହାରିବାରେ। ତେବେ ସେଦିନର ଘଟଣା ସମ୍ପର୍କରେ ପଚାରିବାରୁ ନନ୍ଦୀ କାନ୍ଦ କାନ୍ଦ ହୋଇ କୁହନ୍ତି, 'ସ୍ୱାମୀ ଛାଡ଼ି ଚାଲିଯିବା ପରେ ମୋ ପୁଅ ହିଁ କେବଳ ମୋର ସାହାରା। ତାକୁ ଚାହିଁ ଚାହିଁ ଦିନ କାଟୁଛି। କିନ୍ତୁ ସେଦିନ ନଈରେ ଭାସିଗଲାବେଳେ ମୁଁ କେବଳ ଭଗବାନଙ୍କୁ ଏତିକି ଗୁହାରି କରୁଥିଲି, ମୋ ଜୀବନ ପଛେ ନେଇଯାଅ ହେଲେ ଏ ବିପତ୍ତିରୁ ମୋ ପୁଅକୁ ବଞ୍ଚାଇଦିଅ। ମୋ ପୁଅ ମୋ ଜୀବନ। ତାକୁ ମଣିଷ କରିବାକୁ ମୋତେ ଯେତେ କଷ୍ଟ ସହିବାକୁ ପଡୁ ପଛେ ସହିବି ହେଲେ ତାକୁ ମଣିଷ ପରି ମଣିଷ କରିବି।'

## ଝିଅକୁ ବଞ୍ଚାଇ ନ ପାରିବାର ଦୁଃଖ ଭୁଲିପାରୁ ନାହିଁ ମା'

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧୀନ ବ୍ରହ୍ମପୁର ଗାଁର ବାସିନ୍ଦା ହେଲେ ବାବାଜୀ ମହାରଣା ଓ ତାଙ୍କ ଧର୍ମପତ୍ନୀ ଆରତି ମହାରଣା। ୨୦୧୬ ମସିହାରେ ତାଙ୍କ ଜୀବନରେ ଏମିତି ଏକ ଘଟଣା ଘଟିଥିଲା ; ଯାହାକୁ ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ମନରୁ ପାସୋରି ପାରିବେ ନାହିଁ। ୨୦୧୬ ମେ' ୫ ତାରିଖ ଦିନ ସକାଳୁ ଆରତି ପୁଅ ମୃତ୍ୟୁଞ୍ଜୟ (୮ ବର୍ଷ) ଓ ଝିଅ ହରପ୍ରିୟା (୭ ବର୍ଷ)ଙ୍କୁ ଧରି ବାପଘର ବୁଲିବାକୁ ବାହାରିଥିଲେ। ସାଙ୍ଗରେ ତାଙ୍କର ବିବାହିତା ଝିଆରୀ ଝୁନୁ ବେହେରା ଓ ଝୁନୁଙ୍କର ପାଞ୍ଚମାସର ଝିଅ ବି ଯାଉଥିଲେ। ବାପଘରକୁ ଯିବାକୁ ହେଲେ ତାଙ୍କୁ ବ୍ରାହ୍ମଣୀ ନଦୀ ପାର୍ ହୋଇ ଯିବାକୁ ପଡିବ। ସେଥିପାଇଁ ତାଙ୍କ ସ୍ୱାମୀ ବାବାଜୀ ସମସ୍ତଙ୍କୁ ଆଣି ଡଙ୍ଗାରେ ବସାଇ ଦେଇ ଯାଇଥିଲେ। ବାପଘର ଭଲରେ ଭଲରେ ବୁଲି ଦୁଇଦିନ ପରେ ଫେରିଲା ବେଳକୁ ରେଙ୍ଗାଳି ଡ୍ୟାମ୍ ହଠାତ୍ ବନ୍ୟାପାଣି ଛାଡ଼ିଦେବାରୁ ବ୍ରାହ୍ମଣୀ ନଦୀରେ ପାଣି ବଢି ଯାଇଥିଲା। ନଦୀରେ ସ୍ରୋତ ବି ହେଉଥିଲା। ତଥାପି ଏକ ଦେଶୀ ଡଙ୍ଗାରେ ବସି ଆରତି ଓ ତାଙ୍କର ପୁଅଝିଅ, ତାଙ୍କ ଝିଆରୀ ଓ ତାଙ୍କ ଝିଅ ଏବଂ ଆଉ କେତେଜଣ ଲୋକ ନଦୀ ପାର୍ ହେଉଥିଲେ। ଦୁର୍ଭାଗ୍ୟକୁ ଡଙ୍ଗାଟି ପ୍ରଖର ସ୍ରୋତରେ ପଡିଯିବାରୁ ତାହା ହଠାତ୍ ଓଲଟିଗଲା। ଡଙ୍ଗା ତଳେ ରହିଗଲେ ସମସ୍ତେ। ବଞ୍ଚାଅ ବଞ୍ଚାଅ ଚିତ୍କାରରେ ଚାରିଆଡ଼ ପ୍ରକମ୍ପିତ ହୋଇଉଠିଲା। ବହୁ କଷ୍ଟରେ ଆରତି ଡଙ୍ଗା ତଳୁ ବାହାରି ହାତ ବଢାଇଲାବେଳକୁ ତାଙ୍କ ଝିଆରୀଙ୍କୁ ପ୍ରଥମେ ଧରିଲେ। ଆରତିଙ୍କୁ ପହଁରା ଜଣାଥିବାରୁ ଝିଆରୀ ଓ ଝିଆରୀର ଝିଅକୁ ନେଇ ନିକଟରେ ଥିବା ଏକ କୁଦ ଉପରେ ଛାଡିଦେଲେ। ତା'ପରେ ପୁଅକୁ ବି ସେମିତି ଉଦ୍ଧାର କରିଦେଲେ। ହେଲେ ନିଜ ଝିଅକୁ ଯେତେ ଖୋଜିଲେ ବି ପାଇଲେ ନାହିଁ। ସେ ଡଙ୍ଗା ତଳେ କେଉଁଠି ଚାପିହୋଇ ରହିଯାଇଥିବାରୁ ଝିଅକୁ ଆଉ ବଞ୍ଚାଇପାରିଲେ ନାହିଁ ଆରତି। ପାଗଳପ୍ରାୟ ହୋଇଗଲେ ସେ। ଝିଅକୁ ବଞ୍ଚାଇ ନ ପାରିବାରୁ ବହୁଦିନ ପର୍ଯ୍ୟନ୍ତ ନିଜକୁ ଦୋଷୀ ଦୋଷୀ ଭାବୁଥିଲେ ଆରତି। ବହୁ କଷ୍ଟରେ ତାଙ୍କୁ ସମ୍ଭାଳିଥିଲେ ଘରଲୋକେ। ସେଦିନର ସେହି ଘଟଣା ସମ୍ପର୍କରେ ପଚାରିଲେ ଆଜି ବି ଆରତିଙ୍କ ଆଖିରେ ଲୁହ ଆସିଯାଏ। ନିଜ ଲୁହକୁ କାନିରେ ପୋଛି ସେ କୁହନ୍ତି, 'ଭଗବାନ ଏମିତିକା ଦୁଃଖ ଆଉ କାହାକୁ ନ ଦିଅନ୍ତୁ। ଏବେ କେବଳ ପୁଅ ମୁହଁକୁ ଚାହିଁ ଦିନ କାଟିବା କଥା।'

→








ପ୍ରଭାସ



ଜଳଧର



ଅବଳି ବେହେରା



ପୁଅ ମୃତ୍ୟୁଞ୍ଜୟ ସହ ମା' ଆରତି ମହାରଣା(ଡାହାଣ)

## ବୁଡ଼ି ଯାଉଥିବା ପୁଅ ଓ ପୁତୁରାର ଜୀବନ ବଞ୍ଚାଇଲେ ମା'

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟ ଉଦ୍ୟାନ ନିକଟରେ ଥିବା ଡାଙ୍ଗମାଳ ଗାଁର ବାସିନ୍ଦା ହେଲେ ଅବଳି ବେହେରା। ତାଙ୍କୁ ଏବେ ବୟସ ୮୫ ପାଖାପାଖି ହେବ। ଆଜକୁ ପ୍ରାୟ ୪୫/୪୬ ବର୍ଷ ତଳେ ତାଙ୍କ ପୁଅ ସହିତ ଏକ ଅଘଟଣ ଘଟିଥିଲା ; ଯେଉଁଥିରୁ ଅବଳି ତାଙ୍କୁ ବହୁ କଷ୍ଟ କରି ରକ୍ଷା କରିଥିଲେ। ଘଟଣାଟି ଥିଲା ଏମିତି: ଅବଳିଙ୍କ ପୁଅ ହେଲେ ପ୍ରଭାସ ଓ ପୁତୁରା ହେଲେ ଜଳଧର। ଦୁଇଜଣ ପ୍ରାୟ ପାଖାପାଖି ବୟସର। ସେମାନଙ୍କୁ ଯେତେବେଳେ ମାତ୍ର ୭/୮ ବର୍ଷ ହୋଇଥିଲା ସ୍କୁଲ୍‌କୁ ଯିବା ପାଇଁ ଘର ପାଖ ପୋଖରୀକୁ ସାଙ୍ଗହୋଇ ଗାଧୋଇବାକୁ ଯାଇଥିଲେ। ପିଲା ଖାଇକି ସ୍କୁଲ ଯିବେ ବୋଲି ଚୁଲିରେ କଡେଇ ବସାଇ ଭଜା ଭାଜୁଥିଲେ ଅବଳି। ହଠାତ୍ ପିଲାମାନଙ୍କର ପାଟି ଶୁଭିବାରୁ ଘରୁ ଦୌଡିଆସି ଦେଖନ୍ତି ତ ପିଲାଦୁହେଁ ପୋଖରୀରେ ବୁଡ଼ି ଯାଉଛନ୍ତି। ଅନ୍ୟ କିଛି ଉପାୟ ନ ପାଇ ରକ୍ଷାକର ରକ୍ଷାକର ପାଟିକରି ଅବଳି ନିଜେ ପୋଖରୀ ଭିତରକୁ ଡେଇଁପଡିଲେ। ପ୍ରଭାସକୁ ଧରୁଧରୁ ଜଳଧର ବି ଅବଳିଙ୍କ ହାତକୁ ଜୋରରେ ଧରି ପକାଇବାରୁ ଅବଳି ନିଜର ଭାରସାମ୍ୟ ହରାଇ ପୋଖରୀରେ ଟଳିପଡିଲେ। କ'ଣ କରିବେ, ପିଲା ଦୁଇଟି ପହଁରା ଜାଣିନାହାନ୍ତି। ପାଣିରେ ବୁଡ଼ି ଦୁହେଁ ନିସ୍ତେଜ ପ୍ରାୟ ହୋଇଗଲେଣି। ଯେମିତି ହେଲେ ତାଙ୍କୁ ବଞ୍ଚାଇବାକୁ ହେବ, ଏହା ଚିନ୍ତାକରି ବହୁ କଷ୍ଟରେ ଅବଳି ପାଣି ଭିତରୁ ଉଠି ନିଜ ପଣତ କାନିକୁ ଦୁଇ ପିଲାଙ୍କ ହାତରେ ଧରାଇ ଧୀରେ ଧୀରେ ସେମାନଙ୍କୁ କୂଳକୁ ଆଣିବାକୁ ଚେଷ୍ଟା କଲେ। ସେତେବେଳକୁ ପୋଖରୀ ପାଖରେ ଲୋକଙ୍କର ବେଶ୍ ଭିଡ଼ ଜମି ସାରିଥିଲା। ସେମାନେ ବି ଏହି ତିନିଜଣଙ୍କୁ କୂଳକୁ ଆଣିବାରେ ସାହାଯ୍ୟ କଲେ। ଯାହା ହେଉ ଭଗବାନଙ୍କ ଆଶୀର୍ବାଦ ଓ ଅବଳିଙ୍କ ପ୍ରାଣପଣ ଚେଷ୍ଟା ପାଇଁ ଦୁଇ ନିଷ୍ପାପ ପିଲାଙ୍କର ଜୀବନ ବଞ୍ଚିଯାଇଥିଲା। ଏ ଘଟଣା ସମ୍ପର୍କରେ ଅବଳିଙ୍କୁ ପଚାରିବାରୁ ତାଙ୍କ ଆଖିରୁ ଧାର ଧାର ହୋଇ ଦୁଇଧାର ଲୁହ ବୋହିଗଲା। ଲୁହକୁ ପୋଛି ସେ କହିଲେ, 'ସେଦିନ ମୋ ସଂସାର ଉଚ୍ଛନ୍ନ ହୋଇଯାଇଥାନ୍ତା। ଭଗବାନଙ୍କ କୃପାରୁ ମୋ ପିଲା ଦୁହେଁ ରକ୍ଷା ପାଇଗଲେ। ଏବେ ମୋ ପୁଅ ଓ ପୁତୁରାଙ୍କ ବୟସ ୫୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଗଲାଣି। ଭଗବାନ କରନ୍ତୁ ତାଙ୍କ ଦେହ ସବୁବେଳେ ସୁସ୍ଥରେ ଥାଉ ଆଉ ସେମାନେ ଦୀର୍ଘାୟୁ ହୁଅନ୍ତୁ।'

## ପାଣି ବାଲ୍ଟିରେ ଗଳି ପଡ଼ିଥିବା ଝିଅର ଜୀବନ ରକ୍ଷାକଲା ମା'

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଅନ୍ତର୍ଗତ ତରା ଗ୍ରାମର ବାସିନ୍ଦା ହେଲେ ନିତ୍ୟାନନ୍ଦ ରାଉତ ଓ ସୁନିତା ଜେନା। ତାଙ୍କର ଶୁଭଜ୍ୟୋତି ଓ ସ୍ମୃତିରେଖା ନାମରେ ଦୁଇ ଝିଅ ଅଛନ୍ତି। ଶୁଭଜ୍ୟୋତି ୫ମ ଓ ସ୍ମୃତିରେଖା ୪ର୍ଥ ଶ୍ରେଣୀରେ ପଢ଼ନ୍ତି। ସ୍ମୃତିରେଖାଙ୍କୁ ଯେତେବେଳେ ମାତ୍ର ଦେଢବର୍ଷ ବୟସ ହୋଇଥିଲା, ସେତେବେଳେ ତାଙ୍କ ସହିତ ଏକ ଅଘଟଣ ଘଟିଥିଲା। ଘଟଣାଟି ଥିଲା ଏମିତି: ଖରାଦିନ ମଧ୍ୟାହ୍ନ ପ୍ରାୟ ୧୨.୩୦ ହେବ। ଘରେ ସମସ୍ତେ ଖାଇପିଇ ବିଶ୍ରାମ ନେଉଥାନ୍ତି। ସ୍ମୃତିରେଖାଙ୍କର ହଠାତ୍ ନିଦ ଭାଙ୍ଗିଗଲା। ନୂଆ ନୂଆ ଠୁକୁ ଠୁକୁ କରି ଚାଲୁଥିବା ସ୍ମୃତିରେଖା ନିଦରୁ ଉଠି ନ କାନ୍ଦି ଅଗଣା ଆଡକୁ ଚାଲିଯାଇ ସେଠି ଥୁଆ ହୋଇଥିବା ଏକ ବଡ଼ ମୋବିଲ୍ ବାଲ୍ଟି, ଯେଉଁଥିରେ ପାଣି ରହିଥିଲା ତା' ପାଖରେ ଖେଳୁଥାନ୍ତି। ବାଲ୍ଟି ଭିତରକୁ ହାତ ପୂରାଇ ପାଣି ସାଙ୍ଗେ ଖେଳୁଥିବା ବେଳେ ହଠାତ୍ ସିଏ ବାଲ୍ଟି ଭିତରେ ପଡ଼ିଗଲେ। ମୁଣ୍ଡ ତଳକୁ ଓ ଗୋଡ ଉପରକୁ ଥିବା ଅବସ୍ଥାରେ ପଡିଥିବାରୁ ସେ ଆଉ ଉଠିପାରୁ ନଥିଲେ। ଠିକ୍ ଏହି ସମୟରେ ତାଙ୍କ ମା' ସୁନିତାଙ୍କର ନିଦ ଭାଙ୍ଗିଗଲା। ପାଖରେ ଝିଅକୁ ନ ପାଇ ବିକଳରେ ସେ ଏଣେତେଣେ ଖୋଜିବାକୁ ଲାଗିଲେ। ହଠାତ୍ ତାଙ୍କର ନଜର ପଡିଲା ପାଣି ବାଲ୍ଟି ଉପରେ। ବାଲ୍ଟିଟି ହଲୁଥିବାର ଦେଖି ତାଙ୍କର ଟିକେ ସନ୍ଦେହ ହେଲା। ଦୌଡି ଯାଇ ଦେଖନ୍ତି ତ ସ୍ମୃତିରେଖା ସେହି ବାଲ୍ଟି ଭିତରେ ପଡି ପାଣି ପିଇ ନିସ୍ତେଜପ୍ରାୟ ହୋଇଗଲେଣି। ବିକଳରେ ଝିଅକୁ ସେଥିରୁ କାଢି କାନ୍ଦି କାନ୍ଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଡ଼େ ଦୌଡିଲେ। ସେଠାରେ ୬ଦିନ ସ୍ମୃତିରେଖାଙ୍କୁ ରହିବାକୁ ପଡିଲା। ତା'ରି ଭିତରେ ନାନା ଉପାସ, ବ୍ରତ, ମାନସିକ କରି ସାରିଥିଲେ ସୁନିତା। ଭୋକଶୋଷ ଭୁଲି ରାତି ରାତି ଉଜାଗର ରହି ଝିଅର ସେବାଯତ୍ନ କରୁଥିଲେ। ୬ଦିନ ପରେ ଝିଅ ଯେତେବେଳେ ସମ୍ପୂର୍ଣ୍ଣ ବିପଦମୁକ୍ତ ବୋଲି ଡାକ୍ତର କହିଲେ, ତା'ପରେ ଯାଇ ସୁନିତାଙ୍କ ଦେହରେ ଜୀବନ ପଶିଥିଲା। ଝିଅକୁ ଧରି ସେଦିନ ଖୁବ୍ କାନ୍ଦିଥିଲେ ସୁନିତା। ଏହି ଘଟଣାର କିଛିଦିନ ପରେ ଯେତେବେଳେ ସ୍ମୃତିରେଖାଙ୍କୁ ୩ ବର୍ଷ ବୟସ ହୋଇଥାଏ, ବର୍ଷା ଯୋଗୁ ତାଙ୍କ ଘର ଆଗରେ ଥିବା ଡ୍ରେନ୍‌ରେ ଖୁବ୍ ଜୋର୍‌ରେ ପାଣି ପ୍ରବାହିତ ହେଉଥାଏ। ଡ୍ରେନ୍‌ଟିର ଗଭୀର ପାଖାପାଖି ୬ଫୁଟ ହେବ। ଖୁସିରେ ବର୍ଷା ପାଣି ଦେଖୁଥିବାବେଳେ ସେହି ଡ୍ରେନ୍‌ରେ ପଡି ଭାସିଯାଉଥିଲେ ସ୍ମୃତିରେଖା। ତାଙ୍କ ବାପା ନିତ୍ୟାନନ୍ଦ ହଠାତ୍ ଝିଅ ଭାସି ଯାଉଥିବାର ଦେଖି ଡ୍ରେନ୍ ଉପରେ ପଡିଥିବା ଏକ ବଡ଼ ସ୍ଲାବ୍‌ର ଆରପାଖକୁ ଦୌଡ଼ିଯାଇ ଝିଅକୁ ଟାଣି ଆଣିଲେ। ସେତେବେଳକୁ ସ୍ମୃତିରେଖା ଅଣନିଃଶ୍ୱାସୀ ପ୍ରାୟ ହୋଇଗଲେଣି। ଝିଅର ଏଭଳି ଅବସ୍ଥା ଦେଖି ମା' ସୁନିତା ବି ଅଧୈର୍ଯ୍ୟ ପ୍ରାୟ ହୋଇଯାଇଥିଲେ। ଝିଅକୁ ସୁସ୍ଥ କରିବାକୁ ରାତିରାତି ଉଜାଗର ରହି ତା'ର ଖୁବ୍ ଯତ୍ନ ନେଇଥିଲେ ସୁନିତା। ଏହି ସବୁ ଘଟଣା ସମ୍ପର୍କରେ ପଚାରିବାରୁ ସୁନିତା କୋହଭରା କଣ୍ଠରେ କୁହନ୍ତି, 'ଦୁଇ ଦୁଇ ଥର ମୋ ଝିଅ ସାଙ୍ଗରେ ଏମିତି ଘଟଣା ଘଟିଥିବାରୁ ମୋ ମନରେ ଗୋଟେ ଭୟ ରହିଯାଇଛି। ସେଥିପାଇଁ ତାକୁ ମୁଁ ଗୋଡ଼େ ଗୋଡ଼େ ଜଗିଥାଏ। ବିଶେଷକରି ନଈ, ପୋଖରୀ, ନାଳ ଆଦି ଜାଗାରେ ତାକୁ ସାବଧାନରେ ଯିବା ପାଇଁ କୁହେ।'

ସତରେ ମା'ର ଜୀବନ ଥାଏ ତା' ସନ୍ତାନ ଭିତରେ। ତା'ରି ହସରେ ସେ ହସେ, ତାରି ଦୁଃଖରେ କାନ୍ଦେ। ଆଉ ବିପଦ ପଡ଼ିଲେ ତ ଯମ ସହ ବି ଲଢିପାରେ। ଆଉ ଦେଇପାରେ ନୂଆ ଜୀବନ।

**–ଅନ୍ୱିତା ମିଶ୍ର**

***ଭାଗ୍ୟଶ୍ରୀ ମିଶ୍ର, ଅଶୋକ କୁମାର ଦାସ, ଭାସ୍କର ରାଉତରାୟ, ନରେଶ ଚନ୍ଦ୍ର ପଟ୍ଟନାୟକ***



ଦୁଇ ଝିଅଙ୍କ ସହ ମା' ସୁନିତା ଜେନା



ପୁଅ ରୋହିତ ସହ ମା' ନନ୍ଦୀ ମାଣ୍ଡାଙ୍ଗୀ



ନିଜାମ ଅଫ୍ ହାଇଦ୍ରାବାଦ ନେକ୍ଲେସ୍



# ଦାମୀ ନେକ୍ଲେସ୍

**ଗହଣା କେବଳ ନାରୀ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ ନାହିଁ। ଏହାକୁ ଆଭିଜାତ୍ୟର ପ୍ରତୀକଭାବେ ବି ଗଣାଯାଏ। ଏଠାରେ ସେମିତି କିଛି ନେକ୍ଲେସ୍ ସମ୍ପର୍କରେ କୁହାଯାଇଛି, ଯାହା ଏତେ ଦାମୀ ଯେ, ତାକୁ କିଣି ପିନ୍ଧିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ଜାଣନ୍ତୁ ପୃଥିବୀର ସେଇ ସବୁ ଦାମୀ ନେକ୍ଲେସ୍ ସମ୍ପର୍କରେ...**

**ହୋପ୍ ଡାଇମଣ୍ଡ ନେକଲେସ୍, ୩୫୦ ମିଲିୟନ ଡଲାର:** ଏହା ହେଉଛି ପୃଥିବୀର ସବୁଠାରୁ ଦାମୀ ନେକ୍ଲେସ୍। ସପ୍ତାଦଶ ଶତାବ୍ଦିରେ ନିର୍ମିତ ଏହି ସୁନ୍ଦର ନେକ୍ଲେସ୍ଟିରେ ଖଚିତ ୧୧୨ ୩/୧୬ କ୍ୟାରେଟ୍ର ବାଇଗଣୀ ରଙ୍ଗର ହୀରା ଭାରତର ଗୋଲକୋଣ୍ଡାସ୍ଥ କୋଲୁର ଖଣିରୁ ମିଳିଥିବା କୁହାଯାଏ। ତ୍ରିଭୁଜାକାର ଏହି ହୀରାକୁ ପ୍ରଥମେ ଜିନ ବାପ୍ଟିଷ୍ଟ ଟାଭେରନିଏର୍ କିଣିଥିଲେ। ପରେ ସେ ଏହାକୁ ଫ୍ରାନ୍ସର କିଙ୍ଗ ଲୁଇସ୍ ୧୪ଙ୍କୁ ବିକ୍ରି କରିଥିଲେ। ଏହାପରେ ଏହା କିଙ୍ଗ ଲୁଇସ୍ ୧୫ଙ୍କର ହୋଇଥିଲା। ପରେ ଯେବେ ଲୁଇସ୍ ୧୬ ଏବଂ ମାରି ଆଣ୍ଟୋଇନେଟ୍ ଫ୍ରାନ୍ସ ଛାଡି ପଳାଇଲେ ତାଙ୍କର ରାଜକୀୟ ଅଳଙ୍କାରକୁ ଫ୍ରାନ୍ସ ସରକାର ସିଜ୍ କରିଥିଲା। ୧୮୧୨ରେ ଏହି ହୀରାକୁ ହେନରୀ ଫିଲିପ ହୋପ୍ କିଣି ନେଇଥିଲେ। ଆଉ ତାଙ୍କ ନାମାନୁସାରେ ହିଁ ହୀରାର ନାମକରଣ ହୋଇଛି। ଏହାପରେ ବି ଏହାର ମାଲିକାନା ପରିବର୍ତ୍ତନ ହୋଇଛି। ଶେଷରେ ମିସେସ୍ ଇଭାଲିନ ୱାଲ୍ସ ମ୍ୟାକ୍ଲିନ୍ ଏହି ହୀରାକୁ ନେକ୍ଲେସ୍ରେ ଖଚିତ କରିଥିଲେ। ଏହି ଐତିହାସିକ ହୀରା ସ୍ମିଥସୋନିଆନ୍ କଲେକ୍ସନ୍ରେ ଅନ୍ତର୍ଭୁକ୍ତ। ଆଉ ଏହାର ମୂଲ୍ୟ ୩୫୦ ମିଲିୟନ ଡଲାର।

**ଏ ହେରିଟେଜ୍ ଇନ୍ ବ୍ଲୁମ୍, ୨୦୦ ମିଲିୟନ ଡଲାର:** ଚାଇନାର ଜୁଏଲର୍ ୱାଲାସ୍ ଚାନ୍ଙ୍କ ଦ୍ୱାରା ଡିଜାଇନ ହୋଇଥିବା ଏହି ନେକ୍ଲେସ୍ ପୃଥିବୀର ଦ୍ୱିତୀୟ ଦାମୀ ନେକ୍ଲେସ୍ ଭାବେ ପରିଚିତ। ଏଥିରେ ୧୧, ୫୫୧ଟି ହୀରା ଖଚିତ ଅଛି, ଯାହାକି ୩୮୩.୪୦ କ୍ୟାରେଟ୍ର ଅଟେ। ଏହାର ମଝିରେ ଥିବା ହୀରାଟି ୫୦୭. ୫୫ କ୍ୟାରେଟ୍ର ଓ ତା'ର ମୂଲ୍ୟ ୩୫ ମିଲିୟନ। ଏହା ବିକ୍ରି ପାଇଁ ଉଦ୍ଦିଷ୍ଟ ନୁହେଁ। କିନ୍ତୁ ଐତିହାସିକ କୁହନ୍ତି ଏହାର ମୂଲ୍ୟ ଅମୁଲ ମୁଲ।

**ନିଜାମ ଅଫ୍ ହାଇଦ୍ରାବାଦ ନେକ୍ଲେସ୍, ୮୩ ମିଲିୟନ ଡଲାର:** ପୃଥିବୀର ତୃତୀୟ ଦାମୀ ନେକ୍ଲେସ୍ ଭାବେ ପରିଚିତ ଉକ୍ତ ନେକ୍ଲେସ୍ଟି କୁଇନ୍ ଏଲିଜାବେଥ ଦ୍ୱିତୀୟଙ୍କ ବେକରେ ଶୋଭାପାଉଥିଲା। ହାଇଦ୍ରାବାଦର ନିଜାମ ଅସଫ୍ ଜାହ ୭ ଏହି ନେକ୍ଲେସ୍କୁ ୧୯୪୭ ମସିହାରେ ରାଣୀ ଏଲିଜାବେଥ୍ଙ୍କୁ ଉପହାରସ୍ୱରୂପ ପ୍ରଦାନ କରିଥିଲେ। ସେତେବେଳେ ସେ କୁଇନ୍ ଏଲିଜାବେଥ୍ଙ୍କୁ କାର୍ଟିୟର୍ କଲେକ୍ସନ୍ ମଧ୍ୟରୁ ଯେକୌଣସି ଅଳଙ୍କାର ବାଛିବାକୁ କହିଥିଲେ। ଆଉ ଏଲିଜାବେଥ୍ ୫୦ରୁ ଊର୍ଦ୍ଧ୍ୱ ହୀରା ଖଚିତ, ତାସହ ୧୩ଟି ଏମାରେଲ୍ଡ କଟ୍ ହୀରା ଓ ଏକ ଡ୍ରପ୍ ଡାଇମଣ୍ଡ ଥିବା ଉକ୍ତ ନେକଲେସ୍ କୁ ବାଛିଥିଲେ। ଯାହା ତାଙ୍କ ଟିଆରା ସହ ମ୍ୟାଚ୍ ହେଉଥିଲା। କୁଇନ୍ ଏଲିଜାବେଥ ଏହାକୁ ଅନେକ ବିଶେଷ ଅବସରରେ ପିନ୍ଧିଥିବା ଦେଖିବାକୁ ମିଳିଛି। ପରେ କେଟ୍ ମିଡଲଟନ୍ ମଧ୍ୟ ଏହାକୁ ପିନ୍ଧିଛନ୍ତି।

**ଓପେନହିମର୍ ବ୍ଲୁ ଡାଇମଣ୍ଡ, ୫୭.୫ ମିଲିୟନ ଡଲାର:** ଦାମୀ ନେକ୍ଲେସ୍ ତାଲିକାରେ ଚତୁର୍ଥ ସ୍ଥାନ ଅଧିକାର କରୁଥିବା ଏହି ନେକ୍ଲେସ୍ର ମୁଖ୍ୟ ଆକର୍ଷଣ ହେଉଛି ଏଥିରେ ଖଚିତ ୧୪.୬୨ କ୍ୟାରେଟ୍ର ନୀଳ ହୀରା। ପ୍ଲାଟିନମ୍ରେ ତିଆରି ଉକ୍ତ ନେକ୍ଲେସ୍ଟି ଜେନେଭାରେ କ୍ରିଷ୍ଟିସ୍ ଅକ୍ସନରେ ୫୭.୫ ମିଲିୟନ ଡଲାରରେ ବିକ୍ରି ହୋଇଥିଲା।

**ଇନକମ୍ପାରେବଲ୍ ଡାଇମଣ୍ଡ ନେକଲେସ୍, ୫୫ ମିଲିୟନ ଡଲାର:** ୧୮ କ୍ୟାରେଟ୍ ରୋଜ ଗୋଲ୍ଡରେ ତିଆରି ଏହି ନେକ୍ଲେସ୍ରେ ୬୩୭ କ୍ୟାରେଟ୍ର ଦୁଇଟି ହୀରା, ୩ଟି ଆସାଚୁର୍ କଟ୍ ହୀରା, ୪ଟି ଓଭାଲ ହୀରା, ୫ଟି କୁସ୍ ଡାଇମଣ୍ଡ, ୫ଟି ଇମେରାଲ୍ଡ କଟ୍ ଡାଇମଣ୍ଡ, ୯ଟି ହାର୍ଟ ସେପ୍ ଡାଇମଣ୍ଡ, ୨୭ଟି ପିୟର ଶେପ୍ ଡାଇମଣ୍ଡ, ୩୫ ଟି ରାଉଣ୍ଡ ଶେପ୍ ଡାଇମଣ୍ଡ ଖଚିତ ହୋଇଛି। ଏହାଛଡା ୪୦୭.୪୮ କ୍ୟାରେଟ୍ର ଏକ ବଡ଼ ଫ୍ୟାନ୍ସି ଡିପ୍ ୟେଲୋ ଡାଇମଣ୍ଡ ନେକ୍ଲସ୍ ମଝିରେ ଲାଗିଛି। ୫୫ ମିଲିୟନ ଡଲାରର ଉକ୍ତ ନେକଲେସ୍କୁ ମୁକେଶ ଅମ୍ବାନୀଙ୍କ ପତ୍ନୀ ନୀତା ଅମ୍ବାନୀ କିଣି ବୋହୁ ଶ୍ଲୋକା ମେହେତାଙ୍କୁ ବିବାହରେ ଉପହାରସ୍ୱରୂପ ପ୍ରଦାନ କରିଥିଲେ।

**ଟିଫାନୀ ଏମ୍ପାୟାର୍ ନେକ୍ଲେସ୍, ୩୦ ମିଲିୟନ ଡଲାର:** ଏହି ହୀରାକୁ ହଲିଉଡ ଗାୟିକା ବେୟୋନ୍ସ ପିନ୍ଧିଥିଲେ। ନେକ୍ଲେସ୍ର ପେଣ୍ଡେଣ୍ଟଭାବେ ୧୨୮.୫୪ କ୍ୟାରେଟ୍ର ଡି କଲର୍ ଫ୍ଲଲେସ୍ ଡାଇମଣ୍ଡ ଖଚିତ ହୋଇଛି। ଏହି ମାଷ୍ଟରପିସ୍ ନେକ୍ଲେସ୍ରେ ୨୨୪ଟି ବାଗୁଏଟ୍ ଡାଇମଣ୍ଡ, ୩୫୩ଟି ଗୋଲ ଆକାରର ହୀରା ବି ଖଚିତ ହୋଇଛି।

**ପିକକ୍ ନେକ୍ଲେସ୍, ୧୫ ମିଲିୟନ ଡଲାର:** ପ୍ରାୟ ଶହେ ବର୍ଷ ଲାଗି ଯାଇଥିଲା ଏହାର ଡିଜାଇନରଙ୍କୁ କଶ୍ମିର ସାଫାୟାର୍ ସଂଗ୍ରହ କରି ଏହି ନେକ୍ଲେସ୍ ଗଢିବା ଲାଗି। ଏଥିରେ ଖଚିତ ସବୁଠୁ ବଡ଼ ସାଫାୟାର୧୦.୫୬ କ୍ୟାରେଟ୍ର ଅଟେ। ମୋଟ ୨୧ଟି ସାଫୟାର ଏଥିରେ ଖଚିତ, ଯାହା ୧୦୯.୦୮ କ୍ୟାରେଟ୍ର ଅଟେ।



ଟିଫାନୀ ଏମ୍ପାୟାର୍ ନେକ୍ଲେସ



ଏ ହେରିଟେଜ୍ ଇନ୍ ବ୍ଲୁମ୍



ଇନକମ୍ପାରେବଲ୍ ଡାଇମଣ୍ଡ ନେକ୍ଲେସ୍



ହୋପ୍ ଡାଇମଣ୍ଡ ନେକ୍ଲେସ



ପିକକ୍ ନେକ୍ଲେସ୍

# ମୀନାକ୍ଷୀଙ୍କ ସୃଜନ ସମ୍ଭାର


**ଅନେକ ସୃଜନ ସମ୍ଭାରର ଭିଡ଼ଭିତରୁ ବାରିହୋଇ ପଡୁଥିବା ସେ ଜଣେ ଭିନ୍ନ ଲେଖିକା । ସେ ହେଲେ ଓଡ଼ିଆ ଭାଷା ବିଶେଷଜ୍ଞ ତଥା ଶୈକ୍ଷିକ ଅଧିକାରୀ ଡ. ମୀନାକ୍ଷୀ ଦାସ..**





ପ୍ରାୟ ୬ଦଶନ୍ଧି ମଧ୍ୟରେ ତାଙ୍କ କଲମ ମୁନରେ ଫୁଟିଉଠିଛି ଅନେକ ଆଧ୍ୟାତ୍ମିକ, ଶିଶୁ ସାହିତ୍ୟ, ଗଳ୍ପ, ଉପନ୍ୟାସ, କାବ୍ୟ କବିତା, ଗୀତିକବିତା, ସମାଲୋଚନା ଓ ଅନୁବାଦ ସାହିତ୍ୟ। ଏହାଛଡ଼ା ପାଠ୍ୟପୁସ୍ତକ ସମ୍ପାଦନାରେ ରହିଛି ତାଙ୍କର ସ୍ୱତନ୍ତ୍ର ପରିଚୟ। ତାଙ୍କ ଲେଖାର ଶବ୍ଦ ସଂଯୋଜନାରେ ବାରି ହୋଇପଡ଼େ ସ୍ୱାଭିମାନୀ ମନର ଅଭିବ୍ୟକ୍ତି, ଆଧ୍ୟାତ୍ମିକ ଭାବର ସୁମାର୍ଗ, ଏକଲା ପଣିଆର ଅଙ୍ଗେନିଭା କଥା । ଏଥିପାଇଁ ଅନେକ ସୃଜନ ସମ୍ଭାରର ଭିଡ଼ଭିତରୁ ବାରିହୋଇ ପଡୁଥିବା ସେ ଜଣେ ଭିନ୍ନ ଲେଖିକା । ତାଙ୍କର ବହୁମୁଖୀ ପ୍ରତିଭାକୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ । ସେ ହେଲେ ଓଡ଼ିଆ ଭାଷା ବିଶେଷଜ୍ଞ ତଥା ଶୈକ୍ଷିକ ଅଧିକାରୀ **ଡ. ମୀନାକ୍ଷୀ ଦାସ**। ଜନ୍ମ ୧୯୫୮ ମସିହା ଜୁଲାଇ ୩୧ରେ। ପିତା ବୃନ୍ଦାବନ ଚନ୍ଦ୍ର ଦାସ । ମାତା ପ୍ରଫୁଲ୍ଲବାଳା। ଘର କେନ୍ଦ୍ରାପଡ଼ା ଜିଲାର ଚାନ୍ଦୋଳ ନିକଟସ୍ଥ ନଛିପୁର ଗାଁରେ। ଏବେ ସେ ରହୁଛନ୍ତି ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ। ସେ କୁହନ୍ତି, ମୋ ବାପା ଥିଲେ ଓଡ଼ିଶା କନ୍‌ଷ୍ଟ୍ରକ୍‌ଶନ କର୍ପୋରେଶନର ଡ୍ରାଫ୍ଟ ମ୍ୟାନ। କିନ୍ତୁ ୧୯୬୩ରେ ବାପାଙ୍କର ଅଚାନକ ଦେହାନ୍ତ ହେଲା। ସେତେବେଳକୁ ମୁଁ ସାଢେ ଚାରିବର୍ଷର। ଆମେ ଭାଇ ଭଉଣୀ ତିନିଜଣଙ୍କ ମଧ୍ୟରେ ମୁଁ ବଡ଼। ବାପାଙ୍କୁ ହରାଇ ମାମୁଘରେ ରହିଲୁ। ମା'ଙ୍କ ଠାରୁ ପ୍ରାଥମିକ ଶିକ୍ଷା ପାଇଲି । ବହୁ ଅଭାବ ଭିତରେ ପିଲାଦିନ ଅତିବାହିତ ହେଲା। ୧୯୭୩ରେ ୧୦ମ ଶ୍ରେଣୀ ପାସ୍ ବେଳକୁ ମା' ମୋତେ ବାହାକରାଇ ଦେଲେ। ଏହା ପରେ ଏକାଦଶ ପଢିଲି। ୧୯୭୫ବେଳକୁ ମୋର ଏକ ଝିଅ ଜନ୍ମ ହେଲା, ନାଁ ତା'ର ଏଲିନା। ତା'ପରେ ୧୯୭୭ରେ ଶିକ୍ଷକତା ଆରମ୍ଭ କଲି। ୧୯୭୮ରେ ମୋର ପୁଅ ଶିବଦତ୍ତ ଜନ୍ମ ହେଲା । ମୋ ମା' ପାଖରେ ଆମେ ରହିଥାଉ। ପୁଣି ଘରୋଇ ଭାବେ ଅ । ଇ ଏ ପାସ୍ କଲି। ତା'ପରେ ବ ି ଏ ବି ଏ ଡ,










ଏମ୍‌ଏ (ଓଡ଼ିଆ) ସାରିଲି। ଭୁବନେଶ୍ୱର ଗୌତମ ନଗର ବାଳିକା ଉଚ୍ଚବିଦ୍ୟାଳୟରେ ଶିକ୍ଷକତା କଲି। ପରେ ଏମ୍‌ଏଡ୍, ଓଡ଼ିଆରେ ପିଏଚ୍‌ଡି, ଏଲ୍‌ଏଲ୍‌ବି, ସିଆଇସି ପ୍ରଭୃତି ଡିଗ୍ରୀ ହାସଲ କଲି। ୧୯୯୫ମସିହାରେ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ବୋର୍ଡରେ ଓଡ଼ିଆ ଭାଷା ବିଶେଷଜ୍ଞ ତଥା ଶୈକ୍ଷିକ ଅଧିକାରୀ ରୂପେ ଯୋଗଦେଲି। ତେବେ ଲେଖାଲେଖି ଓ ସାହିତ୍ୟ ପ୍ରତି ମୋର ରୁଚି ଆରମ୍ଭ ହୋଇଥିଲା ନବମଶ୍ରେଣୀରେ ପଢିଲା ସମୟରେ। ୧୯୮୨ରେ ଭୁବନେଶ୍ୱର ମ୍ୟୁନିସିପାଲିଟି ସ୍ମରଣିକାରେ ମୋର ଏକ କବିତା ପ୍ରକାଶ ପାଇଥିଲା। ଏହା ମତେ ବହୁତ ଉତ୍ସାହିତ କରିଥିଲା। ସମୟକ୍ରମେ କେତେକ ପତ୍ରପତ୍ରିକା ଓ ଖବରକାଗଜରେ ମୋର ବିଭିନ୍ନ ଗଳ୍ପ, କବିତା ପ୍ରକାଶିତ ହେଲା। ୧୯୮୯ରେ ମୋର ଦୁଇଟି ବହି ପ୍ରକାଶିତ ହେଲା। ଲେଖାଲେଖି ନିଶା ଜାରି ରହିଥାଏ ତା' ସହିତ ପରିବାର ଚଳେଇବା ଓ ଚାକିରି ସବୁ ଠିକଠାକ ଚାଲିଲା। ଏସବୁରେ ମୋ' ସ୍ୱାମୀ ଭଗବାନ ନାୟକଙ୍କ ସହଯୋଗ ରହିଥାଏ। କିନ୍ତୁ ଅଫିସରେ ୬ଷ୍ଠ ଶ୍ରେଣୀଠାରୁ ଆରମ୍ଭକରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ସାହିତ୍ୟ ବହିର ସଂଯୋଜନା ଓ ସମ୍ପାଦନା କାର୍ଯ୍ୟ ଏବଂ ପରିଷଦ ମୁଖପତ୍ର 'ଜର୍ନାଲ'ର ସମ୍ପାଦନା ଦାୟିତ୍ୱ ତୁଲାଇଲି। ୨୦୧୩-୧୪ ମସିହାରେ କିଛି ମାସ ପରୀକ୍ଷାନିୟନ୍ତ୍ରକ ରୂପେ କାର୍ଯ୍ୟକଲି। ସେତେବେଳେ ଓଡ଼ିଶାରେ ଓଏମଆର ପ୍ରଚଳନ ସମ୍ପର୍କିତ କର୍ମଶାଳା କରାଇଥିଲୁ। ଶିକ୍ଷକତାରେ ୧୬ବର୍ଷ ଓ ବିଶେଷଜ୍ଞ ଭାବେ ୨୩ବର୍ଷ ଧରି ବୋର୍ଡର ବିଷୟ ବିଶାରଦ (ଓଡ଼ିଆ) ପଦବୀରେ ୧୯୯୫ରୁ ମୁଁ ଅବସ୍ଥାପିତ। ଆକାଶବାଣୀ କାର୍ଯ୍ୟକ୍ରମରେ ଓଡ଼ିଆ ବିଷୟରେ ଶିକ୍ଷାଦାନ, 'ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା'ର ଓଡ଼ିଆ ସିଲାବସ୍ କମିଟିର ପୂର୍ବତନ ସଂଯୋଜକ ଓ ସଦସ୍ୟା, ଏସ୍‌ସିଇଆର୍‌ଟି ଏସ୍‌ଆଇଇଟି ତରଫରୁ ପୁସ୍ତକ ଲିଖନ ସହିତ ସମ୍ପାଦନାରେ ମଧ୍ୟ ଅଭିଜ୍ଞତା ହାସଲ କରିପାରିଛି। ପରିଷଦର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ପୁସ୍ତକ ସମ୍ପାଦନା କରିବା ସହିତ ରଚନା କରିଥିବା ପୁସ୍ତକ ମଧ୍ୟରେ- ସୃଷ୍ଟିର ଦୃଷ୍ଟି, ଦୃଷ୍ଟିରେ ସୃଷ୍ଟି, ଶ୍ରୀମଦ୍ ଭଗବଦଗୀତା ପଦ୍ୟାନୁବାଦ, ଅନ୍ନଦାଶଙ୍କରୀୟ ସୃଷ୍ଟିବିଭା, ତୁମରି ମାନଙ୍କ ପାଇଁ, ହସିଲେ ଲୁହ କାନ୍ଦିଲେ ଲହୁ, ଶିବ ପ୍ରଦୋଷ ବ୍ରତ କଥା, ଶିଶୁ ଆମ ସମ୍ବଳ, ଭଲପଣ ସିନା ବଡ଼ପଣ, ଗବେଷଣା ସନ୍ଦର୍ଭ ଭାବେ- ଓଡ଼ିଆ ରୀତି ସାହିତ୍ୟରେ ନାରୀ ଚରିତ୍ର, ଉପନ୍ୟାସ ଭାବେ ଶ୍ରୀଝରା, କ୍ଷୁଦ୍ରଗଳ୍ପ ଭାବେ କଳିଯୁଗର ଭାଗ୍ୟବାନ ମଣିଷ, ଆତ୍ମାର ଡାକ, ରାଣୀ ମୁଁ ସମ୍ପ୍ରତି, ଭଲପାଏ ବୋଲି ଆଦି ୫୫ଖଣ୍ଡ ପୁସ୍ତକ ପ୍ରକାଶିତ ହୋଇସାରିଛି। ଅବସରପରେ ଭୁବନେଶ୍ୱରର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଅତିଥି ଅଧ୍ୟାପିକା ରୂପେ ଓଡ଼ିଆ ଶିକ୍ଷାଶାସ୍ତ୍ର ବିଏଡ ଛାତ୍ରୀଛାତ୍ରଙ୍କୁ ପଢାଉଛି। ପୁରସ୍କାର ଭାବେ ଚଲାପଥ କବି ସମ୍ମାନ, ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସମ୍ମାନ, ଚିଲିକା ଲୋକକଳା ଉତ୍ସବ ସାହିତ୍ୟ ସମ୍ମାନ-୨୦୦୬, ଭାଷାରତ୍ନ ସମ୍ମାନ, ପ୍ରାଣନାଥ ଶିକ୍ଷାବିତ୍ ସମ୍ମାନ, ଶିକ୍ଷା-ସାହିତ୍ୟ -ସଂସ୍କୃତି ସମ୍ମାନ ଆଦି ବହୁ ପୁରସ୍କାର ଓ ସମ୍ମାନ ମିଳିଛି। ମୋର ସଫଳତା ପଛରେ ସ୍ୱାମୀଙ୍କ ସାହାଯ୍ୟ, ଶାଶୁଶ୍ୱଶୁରଙ୍କ ପ୍ରେରଣା , ମାତାପିତାଙ୍କ ଆଶୀର୍ବାଦ ଓ ଈଶ୍ୱରଙ୍କ କୃପା ରହିଛି। ଜୀବନର ସମସ୍ତ ପ୍ରତିକୂଳତାକୁ ମୁଁ ଅନୁକୂଳତାରେ ପରିବର୍ତ୍ତିତ କରି ଜୀବନ ଯାତ୍ରାରେ ଆଗେଇ ଚାଲିଛି। ସମସ୍ତଙ୍କ ପ୍ରତି ନିର୍ମଳ ଭାବ ଓ ଆନ୍ତରିକତା ମୋର ପୁଞ୍ଜି।

**-ବନବିହାରୀ ବେହେରା**



# ଗାଥା

**–ଜ୍ୟୋସ୍ନା ରାଣୀ ଭୋଇ**

**ମା**’ତତେ ମୁଁ ଅଳ୍ପରେ କି ବହୁତରେ
କୋଉଥିରେ ଲେଖିବି ?
ଅଳ୍ପରେ ଲେଖିବି ଯଦି ମା’ ଆଉ କେବଳ ମା’
ବହୁତରେ ଲେଖିବି ଯଦି ପୃଥିବୀ ।
ତୁ ମୋ କାଣିଚାଏଁ ରାତିର ଆକାଶଭର୍ତ୍ତି ତାରା
ପ୍ରତିଟି ନିଦର ଲୋରି
ତୋର ମମତା ହିଁ ମୋ ଛଳଛଳ ପଣ
ତୁ ଯେଉଁଠି ଥିଲେ ବି
ମୋ ପାଇଁ ଥାଏ ତୋର ଦୁଇ ଟୋପା
କ୍ଷୀର ସେଥିପାଇଁ ହିଁ
ଆଜି ମୋର ଏ ପରିଚୟ ।

*–ଲାଇନ ପଡା,*
*ପାଟଣାଗଡ଼, ବଲାଙ୍ଗୀର*
*ମୋ:୮୨୮୭୩୮୧୫୬୦*

# ବୋଉ

**–ମନୋଜ ମିଶ୍ର**

**ଖୋ**ଲିନାହୁଁ କେବେ ଜନମ ଜାତକ
ପସରା ପସରା ଦୁଃଖ,
ଲେଖିପାରିଲୁନି ବିଷାଦ କାହାଣୀ
ଶତ ଅମାରାତି ଶୋକ ।
କହିନାହୁଁ କେବେ ଲାଗିଛିକି ଶୋଷ
ପିଇଯାଉ ଆଖି ଲୁହ,
କେମିତି ଜାଣୁ ତୁ ମୋ’ ପେଟ କଥା
କେତେ ମୋ’ ମନରେ କୋହ ।
ଦେହପରୁ ଲୁଗା ଛୋଟପଡ଼ିଯାଏ
ସାଉଁଟେଇ ମୋ’ର ଦେହ,
ପଖାଳ କଂସାରୁ ଭାତ ଛାଣିଗଲା
ତୋରାଣୀରେ ତୋ’ର ମୋହ ।
ଝୁଣ୍ଟିପଡ଼େ ଯେବେ ମୋ’ର ଚଲାପଥେ
ଥରିଯାଏ ତୋ’ର ଛାତି,
ଆହା’ ମୋ’ ଧନରେ କରୁଣ ଡାକରେ
କାହିଁ ଲୁଚିଯାଏ ଭିତି ।
ଜାଣେ ଏବେ ଲୋ’ ତୁ କାହିଁ କେତେଦୂରେ
ରାତି ଉଜାଗର ରହୁ,
ଚଲାପଥୁ ମୋର କଣ୍ଟା ଦୂରହେଉ
ନିଇତି ମନାସୁ ଥାଉ ।
ଗାଁ ମହାଦେବ ଦେଉଳ ଦୁଆରେ
ମାଗୁଥାଉ ମୋର ଶୁଭ,
ସେଥିପାଇଁ ବୋଧେ ଜୀବନ ଦଉଡ଼େ
ମୋ’ ନିଶ୍ୱାସ ହୁଏ ସମ୍ଭବ ।

*–ହାବିଟାଟ ୱାର୍ଲଡ଼*
*ଇଣ୍ଡିଆ ହାବିଟାଟ ସେଣ୍ଟର, ନୂଆଦିଲ୍ଲୀ*
*ମୋ: ୯୮୭୧୮୩୦୯୧୭*

# ନାଡ଼ି

**ବଙ୍ଗଳା କବିତା : ନବନୀତା ଦେବସେନ**
**ଓଡ଼ିଆ ଅନୁବାଦ :ପ୍ରଦୀପ କୁମାର ରାୟ**

**ତୁ**ମେ ଭୀଷଣ କଷ୍ଟ ପାଉଛ ।
ଚେଷ୍ଟା କରୁଛ ନାଡି ର ବନ୍ଧନ ଛିଣ୍ଡେଇ ଦେବାକୁ
ଧରିତ୍ରୀ ମା’ର ଅଷ୍ଟନାଡି
ତୁମକୁ ରଖିଛି ବାନ୍ଧି
ପରସ୍ତ ପରସ୍ତ
ଆମର ଦୁର୍ବଳ ସଭୟ
ଭଲପାଇବା ହୋଇ ।

ତୁମେ ଭୀଷଣ ଚେଷ୍ଟା କରୁଛ
ଅନ୍ୟ ଏକ ନିର୍ଭୟ ଜଗତେ
ଭୂମିଷ୍ଟ ହେବା ପାଇଁ
ଆମର ଅସ୍ଥିର ଦୁଇହାତ
ପ୍ରବଳ ପଇତା ପରି
ଜଡେଇ ରହିଛି ତୁମରି ଗଳାରେ
ରକ୍ତଭିଜା ନାଡି ।

ମାଟିର ଜରାୟୁ ଛାଡି
ନୂତନ ବତାସେ
ସହଜରେ ନିର୍ଗତ ହେବାକୁ
ଦେବନାହିଁ ତୁମକୁ –
ବାନ୍ଧି ରଖିବ ପ୍ରେମରେ , ଯନ୍ତ୍ରଣାରେ ।

*–ଅବସରପ୍ରାପ୍ତ ଅଧ୍ୟକ୍ଷ,*
*କୁଚିଣ୍ଡା ମହାବିଦ୍ୟାଳୟ, କୁଚିଣ୍ଡା, ସମ୍ବଲପୁର*
*ମୋ:୯୪୩୭୫୩୪୭୭୩*

# କାହାଣୀ


**– ଲିନା ରାଣୀ ଧଳମଙ୍ଗରାଜ**

**ବୋ**ଉ ଆମର ଗୋଟିଏ ସରୁନଥିବା କାହାଣୀ । ନିଜେ ଚାହିଁଲେ ସେଭଳି କାହାଣୀଟେ ନିଜ ପାଇଁ ଲେଖିହେବନି । ଏଇ ଯେମିତି
ଦିନସାରା କାମର ଜଞ୍ଜାଳରୁ ଫୁରସତ ପାଉନଥିବା ବୋଉ ଆମେ ପିଲାଏ ଶୋଇଥିଲେ ଧୀରେ ଚାଦର ଘୋଡେଇ ଦିଏ ମଶା ମାଛି ଯେମିତି କାମୁଡି ନପକାଏ ଆମକୁ ।
କଡେଇଟା ଯାକ ସୁଆଦିଆ ଆଇଁଶ ତରକାରୀ ବଳେଇ ବଳେଇ ଖୁଆଇ ସାରିବା ପରେ ନିଜେ ବଳିପଡିଥିବା ଆଳୁ ଖଣ୍ଡେ ଟିକିଏ ଝୋଳକୁ ଖାଉ ଖାଉ କହେ ମୋ’ର ଆଇଁଷ ଖାଇଲେ ଆଜିକାଲି ହଜମ ହେଉନି ।
ସମସ୍ତଙ୍କ ପାଇଁ ପୂଜାପର୍ବରେ ଲୁଗାପଟା କିଣିସାରିଲା
ପରେ ବାପାଙ୍କ ମନ ରଖିବାକୁ ଖଣ୍ଡେ ସୂତା ଲୁଗା କିଣି କହେ , କଣ ହେବ ଏତେ ଶାଢ଼ୀ ! ଘର କାମ ପାଇଁ ଦେହକୁ ସୂତା ଲୁଗା ଖଣ୍ଡେ ଭଲ ।

କେତେ କଥା ଥାଏ କେଜାଣି ମାମୁଁ , ମାଉସୀ କି ଆଈ ଆସିଲେ ରାତିଅଧ ଯାଏ ଗପେ ଆଉ ବଡି ଭୋରରୁ ଉଠି କାମରେ ଲାଗିଥାଏ । ଲାଗେ ଯେମିତି ସେଇ ଗପିବାରେ ସେ ଜୀବନ ପୁଳେ ଗୋଟେଇ ନେଇଚି । ସେଇ ବୋଉ ଶେଷ ବେଳକୁ କିଛି କହିପାରୁ ନ ଥିଲା । ଡାକ୍ତର କହୁଥିଲେ ସେ ଭଲ ହୋଇଯିବ ଏବଂ କଥା ହେବ । ତାକୁ ଦେଖିବାକୁ , କଥା ହେବାକୁ ଘର ଲୋକ ଠୁଳ , ଟଙ୍କା ଗଦେଇ ଦେଲେ ହେଲେ ବୋଉ ଆଉ ଠିକ୍ ହେଇପାରିଲାନି କି କଥା କହିପାରିଲାନି । ଠାରରେ ବହୁତ କଥା କହିବାକୁ ଚାହୁଁଥିଲା ବୋଲି ବୁଝି ହେଲା କିନ୍ତୁ କଥା କ’ଣ କିଛି ବୁଝିହେଲାନି ।
ଡାକ୍ତର କହିଲେ, ବୋଉ କୁଆଡେ କହୁଥିଲା ପିଲାଙ୍କ ପଇସା ତା’ ରୋଗ ପାଇଁ ଫାଲତୁରେ ଖର୍ଚ୍ଚ ନହେଉ ।
ଆଃ ବୋଉ .... । ତୋ କାହାଣୀ ତୋ ପିଲାଙ୍କ
ଅନ୍ତରରେ ସଦା ଶୁଭୁଥାଉ ।

*– ଶତାବ୍ଦୀ ନଗର, ୟୁନିଟ୍ –୮, ଭୁବନେଶ୍ୱର*
*ମୋ: ୮୨୪୯୦୮୩୪୭୭*





# ବଲିଉଡ୍ ପାଇଁ...

ରାଧିକା ମଦନ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି ପାଇଁ ମନ ବଳାଇଲେ, ସେତେବେଳେ ତାଙ୍କୁ ଦୁଇଟି ଜିନିଷ ମଧ୍ୟରୁ ଗୋଟିଏକୁ ଚଏସ୍ କରିବାକୁ ପଡିଥିଲା । କାରଣ ସେତେବେଳେ ସେ ଧାରାବାହିକରେ ଅଭିନୟ କରୁଥାଆନ୍ତି । ଏହି ସମୟରେ ତାଙ୍କୁ ବଡ ପରଦା ପାଇଁ ଅଫର ଦେଇଥିଲେ ନିର୍ଦ୍ଦେଶକ-କମ୍-ପ୍ରଯୋଜକ ବିଶାଲ ଭରଦ୍ୱାଜ । ଆଉ ତାଙ୍କର କଣ୍ଡିସନ ଥିଲା, ଯଦି ସେ ତାଙ୍କ ସିନେମାର ଅଭିନୟ କରିବାକୁ ରାଜି ହୁଅନ୍ତି ତେବେ ଧାରାବାହିକରୁ ଅବ୍ୟାହତି ନେବାକୁ ପଡିବ । ଏ ନେଇ ରାଧିକା କହନ୍ତି, 'ମୋର ଛୋଟ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୪ରୁ । ଏହାର ଚାରି ବର୍ଷ ପରେ ମୋତେ ହିନ୍ଦୀ ସିନେମା 'ପଟାଖା'ରେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା । ସେତେବେଳେ ମୋତେ ପ୍ରଯୋଜକ ଯେଉଁ କଣ୍ଡିସନ ରଖିଥିଲେ ସେ ନେଇ ମୁଁ ଗଭୀର ଭାବରେ ଚିନ୍ତା କରିଥିଲି । ଆଉ ଶେଷରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲି ।' ବଲିଉଡ୍‌ରରେ ଯେତେବେଳେ ରାଧିକା ଏଣ୍ଟ୍ରି କଲେ ସେତେବେଳେ ତାଙ୍କ ଆଖିରେ ଆଖିଏ ସ୍ୱପ୍ନ ଥିଲା । ହେଲେ ଗତ କିଛି ବର୍ଷ ମଧ୍ୟରେ ସେ ମାତ୍ର ହାତଗଣତି କେତୋଟି ସିନେମାର ଅଭିନୟ କରିଛନ୍ତି । ସେଗୁଡିକ ମଧ୍ୟରେ ରହିଛି- 'ମର୍ଦ୍ଦ କୋ ଦର୍ଦ୍ଦ ନେହିଁ ହୋତା', 'ଅଙ୍ଗ୍ରେଜି ମିଡିୟମ', 'ସିଦ୍ଦତ୍', 'ମୋନିକା ଓ ମାଇଁ ଡାର୍ଲିଂ' ଏବଂ 'କୁତେ' ।


ରାଧିକା

# ଏକୁଲ୍‌ଙ୍କ ନୂଆ ଆଇଡିଆ

କଥାରେ ଅଛି ବସିବା ଠାରୁ କାଶିବା ଭଲ । ତେଣୁ ଘରେ ବା ବସି ବସି କାହିଁକି ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି । ପ୍ରତିଦିନ କିଛି ସମୟ ସେ ଗାର୍ଡେନିଂ ପାଇଁ ସମୟ ଦେଉଛନ୍ତି । ସେ କିଏ ଜାଣନ୍ତି ? ରକୁଲ୍ ପ୍ରୀତ ସିଂ । ଯେହେତୁ ଏବେ ଶୁଟିଂ ନାହିଁ, ତେଣୁ ସେ ଗାର୍ଡେନିଂରେ ମନୋନିବେଶ କରିଛନ୍ତି । ଏ ବିଷୟରେ ସେ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା । କିନ୍ତୁ ପାଠ ପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି । ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି । ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି ।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି । ସେଗୁଡିକ ମଧ୍ୟ ବେଶ୍ ଭାଇରାଲ ହେଉଛି । ଅନ୍ୟପକ୍ଷରେ ଏବେ ରକୁଲ୍‌ଙ୍କ ହାତରେ ୨-୩ଟି ଅଫର ରହିଛି । ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ସେ ନେଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ ।


ରକୁଲ

# ଶେଷରେ ବୁଝିଲେ ସୈଫ

ଫରହାନ୍ ଅଖତରଙ୍କ ନିର୍ଦ୍ଦେଶନାରେ ୨୦୦୧ରେ ପରଦା ଉପରକୁ ଆସିଥିଲା 'ଦିଲ୍ ଚାହତା ହୈ' । ଏହି ଫିଲ୍ମରେ ଆମୀର ଖାଁ, ସୈଫ ଅଲ୍ଲୀ ଖାଁ, ଅକ୍ଷୟ ଖାନ୍ନା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା । ଏଥିରେ ତାରା ଜୈସୱାଲ ଭୂମିକାରେ ଅଭିନୟ କରିଥିଲେ ଡିମ୍ପଲ କାପାଡିଆ । ଫିଲ୍ମର ଶୁଟିଂ ସମୟରେ ନିଜ ଭୂମିକାକୁ ନେଇ ସୈଫଙ୍କ ମନରେ କିଛି ପ୍ରଶ୍ନବାଚୀ ଉଠିଥିଲା । ତା'ପରେ ସେ ଏହାର ଉତ୍ତର ଖୋଜିବା ଆରମ୍ଭ କରିଥିଲେ । ବିଚଳିତ ସୈଫଙ୍କ ମନରେ ଉଙ୍କି ମାରିଥିବା ଏଭଳି ସନ୍ଦେହର କୁହେଳିକାକୁ ପ୍ରସମିତ କରିବାକୁ ଚେଷ୍ଟା କରିଥିଲେ ନିର୍ଦ୍ଦେଶକ । ହେଲେ ସେ ଏଥିରେ ସଫଳ ହୋଇପାରି ନ ଥିଲେ । ଶେଷରେ ସୈଫଙ୍କ ସହ ଡିମ୍ପଲ ଏ ନେଇ ଆଲୋଚନା କରିବା ପରେ ଘଟଣାଟିର ପରିସମାପ୍ତି ଘଟିଥିଲା । ସୈଫଙ୍କୁ କଳା କ୍ଷେତ୍ରରେ ଅବଦାନ ପାଇଁ ୨୦୧୦ରେ ସମ୍ମାନଜନକ ପଦ୍ମଶ୍ରୀ ଉପାଧି ମିଳିଥିଲା ।

ସୈଫ


# ଦୋଛକିରେ କଙ୍ଗନା

କଙ୍ଗନା ରାଣାଓ୍ୱତ ଏବେ ଦୋଛକିରେ ପଡିଛନ୍ତି । କାରଣ ତାଙ୍କୁ ଅଫର ମିଳିଥିବା ଫିଲ୍ମଦ୍ୱୟ ମଧ୍ୟରୁ କାହାକୁ ହଁ ଭରିବେ କାହାକୁ ମନା କରିବେ ସେ ନେଇ ଅଡୁଆରେ ପଡିଛନ୍ତି । କଥା କ'ଣ କି ନିକଟରେ ତାଙ୍କୁ ଦୁଇଟି ସିନେମାର ନାୟିକା ସାଜିବାକୁ ଅଫର ମିଳିଥିଲା । କାହାଣୀ ଶୁଣିବା ପରେ ସେ ରାଜି ମଧ୍ୟ ହୋଇଥିଲେ । ହେଲେ ଅଡୁଆ ଏଇଥିପାଇଁ ହୋଇଛି ଯେ, ଫିଲ୍ମଦ୍ୱୟର ଶୁଟିଂ ଏକାଥରେ ଆରମ୍ଭ ହେଉଛି । ଏ ନେଇ କଙ୍ଗନା କହନ୍ତି, 'ଯେତେବେଳେ ଏକାଥରେ ମୋତେ ଦୁଇଟି ଫିଲ୍ମର ଅଫର ମିଳିଲା ସେତେବେଳେ ମୁଁ ଟିକେ ଅଡୁଆରେ ପଡିଥିଲି । କାରଣ ଏଥିପାଇଁ ହୁଏତ ଡେଟ୍ ପ୍ରୋବ୍ଲେମ ହୋଇପାରେ । ହେଲେ ମୋର ବ୍ୟସ୍ତ ଶୁଟିଂ ଶିଡ୍ୟୁଲ ଭିତରେ ମୁଁ ସେହି ଫିଲ୍ମ ଦ୍ୱୟ ପାଇଁ ସମୟ ନିଶ୍ଚୟ ବାହାର କରିବାକୁ ଚେଷ୍ଟା କରିବି । କିନ୍ତୁ ଏହି ଦୁଇଟିର ଶୁଟିଂ ଯଦି ସମାନ୍ତରାଳ ଭାବରେ ଆରମ୍ଭ ହୁଏ ତେବେ ମୁଁ ଅଡୁଆରେ ପଡିଯିବି । ହୁଏତ ଏପରି ହୋଇପାରେ ଯେ, ମୁଁ ୟା' ଭିତରକୁ ଗୋଟିଏ ସିନେମାକୁ ହାତଛଡା କରିପାରେ । ଏ ନେଇ କ'ଣ ନିଷ୍ପତ୍ତି ନେବି ତାହା ଆଗକୁ ଜଣା ପଡିବ ।'


କଙ୍ଗନା

# ବଡ ବ୍ରେକ୍‌କୁ ଅପେକ୍ଷା

କଥାରେ ଅଛି ଅପେକ୍ଷା ଫଳ ମିଠା । ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରିବାର ଆବଶ୍ୟକତା ରହିଛି । ୟା ଭିତରେ ତାଙ୍କୁ ଯେତିକି ସୁଯୋଗ ମିଳିଛି ସେ ତାହାର ସଦୁପଯୋଗ କରିଛନ୍ତି ଏବଂ ନିଜ ଅଭିନୟ ଦକ୍ଷତା ଦେଖାଇବାରେ ମଧ୍ୟ ସକ୍ଷମ ହୋଇଛନ୍ତି । ସେ ହେଲେ ରାଧା ଗୋବିନ୍ଦ ଦାସ (ଦୀପୁ) । ମାତ୍ର ତିନି ବର୍ଷ ପୂର୍ବେ ତାଙ୍କୁ ଧାରାବାହିକ 'ତୋ ପାଇଁ ମୁଁ'ରେ ଏକ ଖଳନାୟକ ଭୂମିକାଟିଏ ମିଳିଥିଲା । ପ୍ରଥମ ସୁଯୋଗରେ ହିଁ ସେ ଦର୍ଶକଙ୍କ ମନ ଜିଣି ନେଇଥିଲେ । ଏ ନେଇ ସେ କହନ୍ତି, 'ମୋତେ ଯେଉଁଭଳି ଭୂମିକା ମିଳୁ ତାହାକୁ ମୁଁ ସବୁବେଳେ ସିରିୟସଲି ନେଇଥାଏ । କାରଣ ନିଜ ରୋଲ୍‌ରେ ନିଜେ ହଜିଗଲେ ହିଁ ତାହାକୁ ଶତ ପ୍ରତିଶତ ଜଷ୍ଟିସ ଦେଇପାରିବେ । ଯଦିଓ ଏବେ ନେଗେଟିଭ ରୋଲ୍ ମିଳୁଛି, ତଥାପି ସବୁ ପ୍ରକାର ଭୂମିକା ତୁଲାଇ ପାରିବି ।' ଯାଜପୁରରେ ଜନ୍ମିତ ରାଧାଗୋବିନ୍ଦଙ୍କୁ ଧାରାବାହିକ 'ତୋ ଦେହେ ବୋଲିଦେ ମୋ ଦେହ କଳା'ରେ ଜମିଦାର ଚରିତ୍ରରେ ଦେଖିବାକୁ ମିଳିଥିଲା । ବର୍ତ୍ତମାନ ଜୀ ସାର୍ଥକ ଚ୍ୟାନେଲରେ ପ୍ରସାରିତ ହେଉଥିବା ଧାରାବାହିକ 'ଖୁସିର ଛୁଙ୍କ'ରେ ଜଣେ ଜମି ବ୍ରୋକର ଭୂମିକାରେ ଅଭିନୟ କରୁଛନ୍ତି । 'ଯଦି ମୋତେ ବଡ ବ୍ରେକ୍ ମିଳେ ତେବେ ତାହାକୁ ତୁଲାଇବାର ଦକ୍ଷତା ବି ମୋର ଅଛି ବୋଲି କହନ୍ତି ସେ ।'


ରାଧା ଗୋବିନ୍ଦ

# କେବଳ ଗୁଜବ

ତାପସୀ ପାନ୍ନୁଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା । ଏକ ନୂଆ ସିନେମା ପାଇଁ ସେ ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି ବୋଲି ଆଲୋଚନା ହେଉଛି । ଯେତେବେଳେ ଏକଥା ବିଷୟରେ ତାପସୀ ଜାଣିଲେ, ସେତେବେଳେ ତାହାକୁ ବିଶ୍ୱାସ କରିପାରି ନ ଥିଲେ । ଏହି ବିଷୟକୁ ନେଇ କିଛି ଦିନ ନୀରବତା ଅବଲମ୍ବନ କରିବା ପରେ ଶେଷକୁ ବାଧ୍ୟ ହୋଇ ମୁହଁ ଖୋଲିଛନ୍ତି । 'ମୁଁ ପାରିଶ୍ରମିକ ବଢ଼ାଇ ଦେଇଛି- ଏକଥା ଆପଣମାନଙ୍କ ନିକଟରୁ ଶୁଣୁଛି । ନିକଟରେ ମୋର କୌଣସି ଏଭଳି ଯୋଜନା ନ ଥିଲା କି ଆଗକୁ ମଧ୍ୟ ନାହିଁ । ସେଭଳି ସମୟ ଆସିଲେ ଦେଖାଯିବ । କେହି ହୁଏତ ମୋ ବିରୁଦ୍ଧରେ ଅପପ୍ରଚାର ଚଳାଇଛି । ଏପରି କଥାକୁ କେହି ବିଶ୍ୱାସ କରିବା ଠିକ୍ ନୁହେଁ । ଏକଥା ସତ ଯେ ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି ଏବଂ ସେଥିରେ ମୁଁ ରାଜି ହୋଇଛି । ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ । ହେଲେ ଏହି ଫିଲ୍ମ ପାଇଁ ମୁଁ ପାରିଶ୍ରମିକ ବଢ଼ାଇ ଦେଇଛି ଏବଂ ସେଥିରେ ପ୍ରଯୋଜକ ରାଜି ହୋଇଛନ୍ତି-ଏକଥା ଗୁଜବ ବ୍ୟତୀତ ଆଉ କିଛି ନୁହେଁ । ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବାକୁ ଚାହେଁ ।' ଏବେ ତାପସୀଙ୍କ ହାତରେ ଥିବା ହିନ୍ଦୀ ସିନେମାଗୁଡ଼ିକ ହେଉଛି-'ଓ ଲଡକି ହେ କାହାଁ' (ଶୁଟିଂ ଶେଷ ହୋଇଛି) ଏବଂ 'ଫିର୍ ଆୟି ହସୀନ ଦିଲରୁବା' ।


ତାପସୀ

# ସ୍କଲାରଶିପ୍ ଟଙ୍କା ଥିଲା ମୋ ପ୍ରଥମ ରୋଜଗାର

**ପ୍ରଥମ ରୋଜଗାର**



**ଶିକ୍ଷାବିତ୍, ଅନୁବାଦିକା ତଥା ବିଜ୍ଞାନ ଲେଖିକା ଡକ୍ଟର ମୃଦୁଳା ମିଶ୍ର ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

**ମୋ**ର ଜନ୍ମ ପଶ୍ଚିମବଙ୍ଗସ୍ଥିତ ଶାନ୍ତିନିକେତନରେ । ପିଲାଦିନୁ ମୁଁ ସାହିତ୍ୟିକ ବାତାବରଣରେ ବଢ଼ିଛି । ବାପା ପ୍ରଫେସର୍ ନରେନ୍ଦ୍ର ନାଥ ମିଶ୍ର ଥିଲେ ବିଶିଷ୍ଟ ପ୍ରାବନ୍ଧିକ, ସାହିତ୍ୟ ସମାଲୋଚକ ଓ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗର ପ୍ରଫେସର । ଆମ ବିଦ୍ୟାଳୟ ପାଠଭବନରେ ସାପ୍ତାହିକ ସାହିତ୍ୟ ସଭା ହେଉଥିଲା । ତେଣୁ ଘରେ ବାହାରେ ସାହିତ୍ୟ ଚର୍ଚ୍ଚାର ପରିସର ଥିଲା । ମନେ ଅଛି ସାହିତ୍ୟ ସଭାରେ ପାଠ କରିଥିବା ମୋର ପ୍ରଥମ ରଚନା ଥିଲା 'ଲୁଇ ପାସ୍ତୁର ଓ ଜଳାତଙ୍କ ରୋଗ' । ତାହା ଥିଲା ମୋର ପ୍ରଥମ ଜନପ୍ରିୟ ବିଜ୍ଞାନ ରଚନା, ଯାହାକି ବଙ୍ଗଳା ଭାଷାରେ କାରଣ ଆମେ ବଙ୍ଗଳା ମାଧ୍ୟମରେ ପାଠ ପଢୁଥିଲୁ । ମୁଁ ଥିଲି ଗ୍ରନ୍ଥକୀଟ । ଘରେ ରବୀନ୍ଦ୍ର ରଚନାବଳୀ ଥିଲା । ମୁଁ ରବୀନ୍ଦ୍ର ସାହିତ୍ୟର ଜଣେ ଅନୁରାଗୀ ପାଠିକା ହୋଇଗଲି । ବିଦ୍ୟାଳୟର 'ସମୀନ୍ଦ୍ର ପାଠାଗାର' ଥିଲା ମୋର ପ୍ରିୟସ୍ଥାନ । 'ଗଲିଭାର୍ ଟ୍ରାଭେଲ୍ସ'ଠୁ ଆରମ୍ଭ କରି 'ଆରବ୍ୟ ରଜନୀର ଗଳ୍ପ' ପରି କେତେ ଇଂରାଜୀ ଉପନ୍ୟାସର ବଙ୍ଗଳା ଅନୁବାଦ ମୁଁ ପଢିଛି । ତେବେ ସାହିତ୍ୟ ଥିଲା ମୋ ପାଇଁ ଅବସର ବିନୋଦନ ।

ମୁଁ ଗଣିତ ଓ ବିଜ୍ଞାନ ପ୍ରତି ଆକୃଷ୍ଟ ହେଲି । ଦଶମ ଶ୍ରେଣୀ ଗଣିତରେ ସର୍ବୋଚ୍ଚ ମାର୍କ ରଖିଥିବାରୁ ମୋତେ 'ଜଗଦାନନ୍ଦ ରାୟ ସ୍ମୃତି ପୁରସ୍କାର' ସ୍ୱରୂପ ମିଳିଥିବା ଦୁଇଶହ ଟଙ୍କାରେ ପାଞ୍ଚୋଟି ବହି ନିଜ ପସନ୍ଦ ଅନୁସାରେ କିଣିଥିଲି । ମନେଅଛି ମୁଁ ସେଥିରେ ରବୀନ୍ଦ୍ରନାଥଙ୍କର 'ଗୀତାଞ୍ଜଳି', 'ନୈବେଦ୍ୟ', 'Four Chapters' ପ୍ରଭୃତି ବହି କିଣିଥିଲି । ଏକାଦଶ ଶ୍ରେଣୀରୁ ସ୍ନାତକୋତ୍ତର ଯାଏଁ ମୁଁ ସ୍କଲାରଶିପ୍ ପାଇଛି । ମାସିକ ଷାଠିଏ ଟଙ୍କାରୁ ବଢ଼ି ଏମ୍‌ଏସ୍‌ସି ବେଳକୁ ତାହା ଶହେ ହୋଇଯାଇଥିଲା । କୁହାଯାଇପାରେ ତାହା ମୋର ପ୍ରଥମ ରୋଜଗାର । ପୋଷ୍ଟଅଫିସ୍‌ରେ ମୋ ନାଁରେ ଗୋଟିଏ ସଞ୍ଚୟ ଖାତା ଖୋଲାହେଲା । ସେଥିରେ ତାହା ଜମା ହେଉଥିଲା । ତା'ପରେ ଭାରତ ସରକାରଙ୍କ 'ଆଣବିକ ଶକ୍ତି ବିଭାଗ'ର ଫେଲୋଶିପ ପାଇ ମୁଁ ଭୁବନେଶ୍ୱରସ୍ଥିତ 'ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ'ରେ ଗବେଷଣା କଲି । ଫେଲୋଶିପ ଟଙ୍କାରେ ନିଜ ଖର୍ଚ୍ଚ ତୁଲାଇବା ସହ 'ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ'ରେ ପଢୁଥିବା ମୋ ସାନଭଉଣୀକୁ ହାତଖର୍ଚ୍ଚ ଦେଉଥିଲି ।

ଗବେଷଣା ଅନ୍ତେ ୧୯୯୦ ମସିହାରେ ସର୍ଭିସ୍ ସିଲେକ୍ସନ ବୋର୍ଡ ଦ୍ୱାରା ମନୋନୀତ ହୋଇ କଲେଜରେ ଯୋଗଦେବା ପରେ ଆଉ ତାତ୍ତ୍ୱିକ ଗବେଷଣା କରିବା ସମ୍ଭବ ହେଲାନାହିଁ । ସେତେବେଳେ ଅଧ୍ୟାପନା ସହିତ ଜନପ୍ରିୟ ବିଜ୍ଞାନ ରଚନା ଲେଖିବାକୁ ପ୍ରୟାସ କଲି । ଶିଶୁଲେଖା ପ୍ରକାଶ ପାଉଥାଏ । ସେଥିରେ 'ଉଦ୍ଭିଦ ଜଗତର ଅଦ୍ଭୁତ କଥା' ଓ 'ଯନ୍ତ୍ର ମାନବ ରୋବଟ୍' ପ୍ରକାଶ ପାଇଥିଲା । କେତେ ପାରିଶ୍ରମିକ ମିଳିଥିଲା ମନେ ନାହିଁ । ତେବେ ଭଞ୍ଜକଳା ମଣ୍ଡପରେ ବିଜ୍ଞାନ ଏକାଡେମୀର ଏକ ସେମିନାର ହୋଇଥିଲା । ମୋତେ ପ୍ରବନ୍ଧ ପାଠ କରିବାକୁ ଆମନ୍ତ୍ରଣ ଆସିଥିଲା । ବିଜ୍ଞାନ ଜନପ୍ରିୟକରଣ ଉପରେ ଏକ ପ୍ରବନ୍ଧ ମୁଁ ପାଠ କରିଥିଲି । ସେହି ଦିନଠାରୁ ମୋର ବିଜ୍ଞାନ ଏକାଡେମୀ ସହ ସମ୍ପର୍କ । ବିଜ୍ଞାନ ଦିଗନ୍ତରେ ପ୍ରବନ୍ଧ ପ୍ରକାଶ ପାଇଲେ ଦୁଇଶହ ଟଙ୍କା ମିଳେ । ସେ ଏକ ନିଆରା ଆନନ୍ଦ । ଦରମା ସହ ତାହା ତୁଳନୀୟ ନୁହେଁ । ତାହା ସୃଷ୍ଟିର ଆନନ୍ଦ । ନିଜକୁ, ନିଜ ଲେଖାକୁ ସ୍ୱୀକୃତି ମିଳିବାର ଆନନ୍ଦ ।

# ମନ ରାଇଜର ସ୍ୱପ୍ନ ସୁନ୍ଦରୀ, ନିମିଷକେ କଲା ମନକୁ ଚୋରି

**ସାଥୀ**



**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋ ସପନରେ ଆସୁଛି । ହେଲେ ତାକୁ ମୁଁ ବାସ୍ତବରେ କେମିତି ପାଇବି ଜାଣିପାରୁନାହିଁ । ମୋତେ କିଛି ଉପାୟ ବତାଇବେ କି ?

*–ପ୍ରଦ୍ୟୁମ୍ନ ସାହୁ, ବଲାଙ୍ଗୀର*

**ଉତ୍ତର:** 'ମନ ରାଇଜର ସ୍ୱପ୍ନ ସୁନ୍ଦରୀ, ନିମିଷକେ କଲା ମନକୁ ଚୋରି' । ସ୍ୱପ୍ନ ଆଉ ବାସ୍ତବତା–ଦୁଇଟି ଅଲଗା ଅଲଗା ଜିନିଷ । ସ୍ୱପ୍ନ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ସେଥିରେ ବାସ୍ତବତାର ବାସ୍ନା ଆଦୌ ନ ଥାଏ । ସେ ସୁନ୍ଦରୀ ସିନା ଆପଣଙ୍କ ମନକୁ ଚୋରି କରିଛି ହେଲେ ଏହା ବାସ୍ତବ ନୁହେଁ । ଯଦି ବାସ୍ତବରେ ସେପରି ସ୍ୱପ୍ନ ସୁନ୍ଦରୀ ଦେଖୁଛନ୍ତି ଓ ପାଣିପାଗ ଠିକ୍ ରହିଛି ତେବେ ପ୍ରପୋଜ କରିବାକୁ ଚେଷ୍ଟା କରନ୍ତୁ । ଯଦି ବହି ଫିଟ୍ ହୋଇଯାଏ ତେବେ ତ ସୋନେପେ ସୁହାଗା ।

**ପ୍ରଶ୍ନ**–ଯାହାକୁ ମୁଁ ମନ ପ୍ରାଣ ଦେଇ ଭଲ ପାଉଛି ସେ ବେଳେବେଳେ ମୋ ସହ ନଖରାମୀ କରୁଛି । ତାକୁ କେମିତି ମନାଇବି କହିବେ କି ସାଥୀ

*–ଅମନ, ଖୋର୍ଦ୍ଧା*

**ଉତ୍ତର:** ପ୍ରେମ ଆଉ ନଖରାମି–ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭାବରେ ନେଇପାରନ୍ତି । କାରଣ ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ । କେତେକେ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକେ ଏହାକୁ ହାଲକା ଭାବରେ ନେଇଥାଆନ୍ତି । ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ତାହାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ । ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ । ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା । ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା । ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି । ତାକୁ ପ୍ରେମିକା ଭାବରେ ଗ୍ରହଣ କରିବା ଠିକ୍ ହେବ କି ?

*–ଆକାଶ, ବ୍ରହ୍ମପୁର*

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ତ ନିଜର ହେଲା ନାହିଁ । ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି । ଯଦି ଏହି ପ୍ରେମ ଆଗକୁ ଆଗାଏ, ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ସାଙ୍ଗ ଅର୍ଥାତ୍, ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯାହାକୁ ସାମନା କରିବା ଆଦୌ ସହଜ ହେବ ନାହିଁ । ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ ।

**ପ୍ରଶ୍ନ**– ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା । ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି । ମୁଁ କ'ଣ କରିବି ?

*–ପ୍ରଦୀପ କୁମାର, ରାଉରକେଲା*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବାର୍ତ୍ତା ଭିତରେ ତାହାର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା । ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ । ଯଦି ଆପଣଙ୍କ ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ । ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ । ହୁଏତ ସେଇ ଝିଅ ନିଜେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !



# ସେବାରେ ମନ







ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ଗାଁର ୧୭ ବର୍ଷର ଯୁବକ ହେଲେ ସୁଦାମ ସାହୁ। ପିତା ଶଶିକାନ୍ତ ସାହୁ ଜଣେ କୃଷକ ଓ ମା’ ସବିତା ସାହୁ ଗୃହିଣୀ। ସୁଦାମ ଏବେ ଭୁବନେଶ୍ୱରସ୍ଥିତ ରାଜଧାନୀ କଲେଜରେ ଯୁକ୍ତ୨ (କଳା) ଦ୍ୱିତୀୟ ବର୍ଷର ଛାତ୍ର। ଭୁବନେଶ୍ୱର ଆସିବା ପୂର୍ବରୁ ସେ ଯେବେ ଗାଁରେ ରହି ପଢୁଥିଲେ, ସେବେ ନିଜ ପକେଟ୍ ମନିକୁ ସଞ୍ଚୟ କରି ଅନେକ ସମୟରେ ଅସହାୟ ଲୋକଙ୍କୁ ଖାଇବାକୁ ଦେବା, ଗରିବ ପିଲାଙ୍କୁ ବହିଖାତା ଆଦି ବାଣ୍ଟୁଥିଲେ। ଏଥିସହିତ ଗାଁର ସାଙ୍ଗସାଥୀଙ୍କୁ ଧରି ରାସ୍ତାଘାଟ ଓ ପୋଖରୀକୁ ସଫା କରିବା, ବୃକ୍ଷରୋପଣ ଆଦି ବି କରୁଥିଲେ। କେବଳ ସେତିକି ନୁହେଁ, ମହାଶିବରାତ୍ରି ଅବସରରେ ଆଖଣ୍ଡଳମଣି ପୀଠକୁ ସଫା କରିବା, କରୋନା ମହାମାରୀ ସମୟରେ ବିଭିନ୍ନ ଗ୍ରାମକୁ ଯାଇ ଖାଦ୍ୟ ବଣ୍ଟନ କରିବା କାର୍ଯ୍ୟ ମଧ୍ୟ ସେ କରିଥିଲେ। ସେଥିପାଇଁ ଗାଁରେ ତାଙ୍କୁ ସମସ୍ତେ ଖୁବ୍ ଭଲ ପାଉଥିଲେ। ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱର ଆସିଲା ପରେ ବି ସେ ସମାଜସେବା କାର୍ଯ୍ୟକୁ ସେମିତି ଜାରି ରଖିଲେ। ଭୁବନେଶ୍ୱରରେ ଥିବା ସମ୍ରିଦ୍ଧି ସେବାଟ୍ରଷ୍ଟର ଜଣେ ସଦସ୍ୟ ହୋଇ ସେ ଏବେ ପ୍ରତି ରବିବାର ଦିନ ଏମ୍ସ ମେଡିକାଲକୁ ଯାଇ ସେଠାରେ ଅପେକ୍ଷାରତ ଥିବା ରୋଗୀମାନଙ୍କର ସମ୍ପର୍କୀୟଙ୍କୁ ବିନା ମୂଲ୍ୟରେ ଖାଦ୍ୟ ବଣ୍ଟନ କରିଥାନ୍ତି। ତା’ସହିତ ଗଗନ ବିହାରୀ ପାଇଟଲ ନାମକ ଜଣେ ବ୍ୟକ୍ତି; ଯିଏକି ଆଜକୁ ୩୫ ବର୍ଷ ହେବ ଅସହାୟ ଅଚିହ୍ନା ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରିଆସୁଛନ୍ତି। ତାଙ୍କ ସହ ମିଶି ଏଇ କିଛିଦିନ ହେବ ସୁଦାମ ମଧ୍ୟ ପ୍ରାୟ ୭/୮ଟି ଶବଦାହ କରିସାରିଲେଣି। ଏଥିସହିତ ଗତବର୍ଷ ପୁରୀ ରଥଯାତ୍ରା ସମୟରେ ମହାବାହୁ ଗ୍ରୁପ, ଓଡିଶା ଟ୍ରଷ୍ଟର ସଦସ୍ୟମାନଙ୍କ ସହ ମିଶି ଭକ୍ତଙ୍କୁ ମାଗଣାରେ ଜଳବଣ୍ଟନ କରିବା କାର୍ଯ୍ୟକ୍ରମରେ ବି ସେ ସାମିଲ ହୋଇଥିଲେ। ତା’ସହିତ ଭକ୍ତଙ୍କ ଉପରେ ଜଳ ସିଞ୍ଚନ କରିବା, ଭିଡ ନିୟନ୍ତ୍ରଣ କରିବା ଏବଂ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ସେବା ସମ୍ପର୍କିତ ଗାଡ଼ିକୁ ସଠିକ ମାର୍ଗରେ ନବାଆଣିବା କରିବା କାର୍ଯ୍ୟ ବି ସେ ସେଠାରେ କରିଥିଲେ। ଏବେ ବି ବିଭିନ୍ନ ପର୍ବପର୍ବାଣୀ ସମୟରେ ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳକୁ ଯାଇ ଗରିବ ଲୋକଙ୍କୁ ଖାଦ୍ୟ ଦେବା ସହ ପିଲାଙ୍କୁ ବହିପତ୍ର ଓ ପୋଷାକ ଆଦି ବାଣ୍ଟିଥାନ୍ତି। ଏପରିକି ନିଜ ଜନ୍ମଦିନରେ ମଧ୍ୟ ବିଭିନ୍ନ ଅନାଥାଶ୍ରମକୁ ଯାଇ ସେଠାକାର ଅନ୍ତେବାସୀଙ୍କ ସହ ସମୟ ବିତାଇବା, ସେମାନଙ୍କ ଭଲମନ୍ଦ କଥା ବୁଝିବାରେ ସେ ଖୁବ୍ ଆନନ୍ଦ ପାଇଥାନ୍ତି।

କେବଳ ଭୁବନେଶ୍ୱରରେ କାହିଁକି ଏବେ ବି ଛୁଟିରେ ଯେବେ ସେ ଗାଁକୁ ଯାଆନ୍ତି, ଗାଁ ପିଲା ତଥା ସହପାଠୀଙ୍କୁ ଧରି ଗାଁ ସଫେଇ, ବୃକ୍ଷରୋପଣ, କୁମ୍ଭୀର ସଚେତନତା, ନିରକ୍ଷରଙ୍କୁ ସ୍ୱାକ୍ଷର କରିବା କାର୍ଯ୍ୟରେ ସେ ଲାଗିପଡନ୍ତି। ଏପରିକି ନିଜ ଗାଁ ଏବଂ ଆଖପାଖ ଗ୍ରାମର ନିଶାଗ୍ରସ୍ତ ଲୋକଙ୍କୁ ନିଶାମୁକ୍ତ ହେବାକୁ ମଧ୍ୟ ସେ ବୁଝାଇଥାନ୍ତି। ଯେହେତୁ ତାଙ୍କୁ ୧୮ ବର୍ଷ ବୟସ ହୋଇନି ସେଥିପାଇଁ ସିଏ ଏବେ ରକ୍ତଦାନ ପରି ମହାନ୍ କାର୍ଯ୍ୟରୁ ବଞ୍ଚିତ ଅଛନ୍ତି। ନିଜେ ସିନା ରକ୍ତଦାନ କରିପାରନ୍ତି ନାହିଁ, ହେଲେ ଯାହାର ଦରକାର ହୁଏ ସେ ତାଙ୍କର ବଡଭାଇମାନଙ୍କୁ ଅନୁରୋଧ କରି ରୋଗୀଙ୍କୁ ରକ୍ତ ଯୋଗାଇ ଦେଇଥାନ୍ତି। ଆସନ୍ତା ଅଗଷ୍ଟ ମାସରେ ତାଙ୍କୁ ୧୮ ବର୍ଷ ହୋଇଯିବା ପରେ ସିଏ ତାଙ୍କ ଜୀବନ କାଳ ଭିତରେ ଯେତେଥର ରକ୍ତଦାନ କରିହେବ ତାହା ସେ ନିଶ୍ଚୟ କରିବେ ବୋଲି ମନସ୍ଥ କରିଛନ୍ତି। ତେବେ ଏହି କିଛିଦିନ ହେବ, ସୁଦାମ ଆଉ ଏକ ମହନୀୟ କାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି। କର୍କଟ ରୋଗ ଯୋଗୁ କେମୋ ନେଇ କେଶ ହରାଇଥିବା ବ୍ୟକ୍ତିଙ୍କୁ ସେ କେଶଦାନ କରିବାକୁ ନିଷ୍ପତି ନେଇଛନ୍ତି। ୟା’ଭିତରେ ସିଏ ଥରେ କେଶଦାନ ବି କରିସାରିଲେଣି।

ସୁଦାମଙ୍କର ଏହି ସମାଜ ସେବା ଗୁଣ ପାଇଁ ତାଙ୍କୁ ଶୁଭଚିନ୍ତକ ଚାରି ଟେବୁଲ ଟ୍ରଷ୍ଟ, ବହ୍ମପୁର ତରଫରୁ କର୍ମବୀର ସମ୍ମାନ, ସମ୍ଭବ ଚାରିଟେବୁଲ ଟ୍ରଷ୍ଟ, ଛତିଆ ତରଫରୁ ରକ୍ତମିତ୍ର ସମ୍ମାନ, କେନ୍ଦ୍ରାପଡାର ଶ୍ରୀଜଗନ୍ନାଥ ଚାରିବୁଲ ଟ୍ରଷ୍ଟ ପକ୍ଷରୁ ଯୁବପ୍ରେରଣା ସମ୍ମାନ, କେନ୍ଦୁଝରର ମଧ୍ୟବିତ୍ତ ପରିବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସେବା ସମ୍ମାନ ପ୍ରଦାନ କରାଯାଇଛି। ଏ ନେଇ ସୁଦାମ କୁହନ୍ତି, ‘‘ଛୋଟବେଳୁ ମୋତେ ମୋ ବାପାମା’ ଗୋଟିଏ କଥା ଶିଖାଇଛନ୍ତି ମାନବ ସେବା ହିଁ ମାଧବ ସେବା। ତେଣୁ ସେବା ମନୋବୃତ୍ତିକୁ ମୁଁ ଜୀବନର ବ୍ରତ କରିନେଇଛି। ଏହି କାର୍ଯ୍ୟରେ ଗରିବ, ଅସହାୟଙ୍କର ଆଶୀର୍ବାଦ ମିଳୁଥିବାରୁ ମୋତେ ଖୁବ୍ ଶାନ୍ତି ଲାଗୁଛି। ତେଣୁ ସବୁବେଳେ ବାବା ଆଖଣ୍ଡଳମଣୀଙ୍କୁ ପ୍ରାର୍ଥନା କରୁଛି ଆଗକୁ ବି ଏହିଭଳି ସମାଜ ସେବା କାର୍ଯ୍ୟ କରିବାକୁ ସିଏ ମୋତେ ସହାୟ ହୁଅନ୍ତୁ।’’

*– ଦୀପ୍ତି ରଂଜନ ନାୟକ*

# ସ୍କେୟର୍ ବେଡ୍



ପ୍ରସିଦ୍ଧ ବେଡ୍ ଡିଜାଇନର୍ କରିମ୍ ରସିଦ୍‌ଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଏହି ଖଟରେ ୩୨ ଇଞ୍ଚର ଏକ ଏଲ୍‌ଇଡି ଟିଭି ଲାଗିଥିବା ସହ ମୁହଁ ଦେଖିବା ପାଇଁ ଏକ ଆକର୍ଷଣୀୟ ଦର୍ପଣ, ଖଟକୁ ଆଲୋକିତ କରିବା ପାଇଁ ଏକାଧିକ ଏଲ୍‌ଇଡି ଲାଇଟ୍ସ, କୋଲ୍ଡଡ୍ରିଙ୍କ୍ସ ଅଥବା ସାମ୍ପେନ୍ ରଖିବା ପାଇଁ ଏକ ହୋଲ୍ଡର ତଥା ସାଉଣ୍ଡ ସିଷ୍ଟମ୍ ଆଦିର ସୁବିଧା ରହିଛି। ତା’ସହିତ ଶରୀରର ଥକ୍କାପଣକୁ ଦୂର କରିବା ପାଇଁ ଏହି ଖଟରେ ରହିଥିବା ଗଦିରେ ଏକ ସ୍ୱତନ୍ତ୍ର ଧରଣର ମସାଜ୍ ୟୁନିଟ୍ ମଧ୍ୟ ଲଗାଯାଇଛି। ଏଥିସହିତ ପ୍ରେମୀଯୁଗଳ ବା ନବଦମ୍ପତିଙ୍କ ଜୀବନରେ ପ୍ରେମର ରଙ୍ଗ ଭରିଦେବା ପାଇଁ ଏହି ଖଟକୁ ସମ୍ପୂର୍ଣ୍ଣ ନାଲି ରଙ୍ଗରେ ଡିଜାଇନ୍ କରାଯାଇଛି ; ସେଥିପାଇଁ ଏହାର ଦାମ୍ ପ୍ରାୟ ୫୦ ହଜାର ଡଲାର୍ ରଖାଯାଇଛି। ସ୍କେୟର୍ ବେଡ୍ ନାମରେ ପରିଚିତ ଏହି ବେଡ୍‌ର ଆକର୍ଷଣୀୟ ରୂପ ହିଁ ଏହାକୁ ଅଧିକ ଲୋକପ୍ରିୟ କରିଦେଇଛି।

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ଆଦ୍ୟାଶା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ଡ୍ୟାନ୍ସ

ବାହାଘର ପାର୍ଟିରେ ଏକ ସୁନ୍ଦର ଯୁବତୀ ଜଣେ ଯୁବକଙ୍କ ପାଖକୁ ଯାଇ: ଆପଣ ଡ୍ୟାନ୍ସ କରିବାକୁ ପସନ୍ଦ କରିବେ ?
ଯୁବକ: ହଁ, ହଁ କାହିଁକି ନୁହେଁ ?
ଯୁବତୀ: ଠିକ୍ ଅଛି, ଆପଣ ଡ୍ୟାନ୍ସ କରନ୍ତୁ। ମୁଁ ଆପଣଙ୍କ ଚେୟାରଟା ନେଉଛି।

## କୋଲ୍ଡ ଡ୍ରିଙ୍କ

ରାଜୁ ମନେ ମନେ ଭଲ ପାଉଥିବା ଝିଅକୁ ରେଷ୍ଟୁରାଣ୍ଟରେ ଦେଖି ତା' ପାଖକୁ ଯାଇ ପାଖରେ ବସି ସେ ରଖିଥିବା କୋଲ୍ଡ ଡ୍ରିଙ୍କ ପିଇ କହିଲା: କ'ଣ ହେଇଛି ତୁମର ? ଏତେ ଦୁଃଖି କାହିଁକି ଲାଗୁଛ ? ଝିଅ: ଆଜି ମୋ ଦିନଟା ପୁରା ଖରାପ। ସକାଳେ ବୟଫ୍ରେଣ୍ଡ ସହ ଝଗଡା ହେଲା। ଅଫିସ୍‌ରେ ପହଞ୍ଚିବା ପରେ ବସ୍ ରାଗିକି ଚାକିରିରୁ ବାହାର କରିଦେଲେ। ଏବେ ସୁଇସାଇଡ୍ କରିବା ପାଇଁ କୋଲ୍ଡ ଡ୍ରିଙ୍କ୍‌ରେ ବିଷ ମିଶେଇଥିଲି। ତାକୁ ବି ପିଇ ପାରିଲିନି। ତମେ ପିଇଦେଲ।
ରାଜୁ: କ'ଣ ?

## ମାତୃଭାଷା

ଶିକ୍ଷକ ଚିଣ୍ଟୁକୁ: ଟେବଲ୍ କେ ଉପର ଚାୟ କିସ୍‌ନେ ଗିରାୟା ? ଏହାକୁ ନିଜ ମାତୃଭାଷାରେ କହିଲ।
ଚିଣ୍ଟୁ: ମାତୃଭାଷାର ଅର୍ଥ।
ଶିକ୍ଷକ: ମା'ଙ୍କ ଭାଷା।
ଚିଣ୍ଟୁ: ଓଃ, କହୁଛି– ଆରେ ମୂର୍ଖ, ଗଧ ଇଏ କ'ଣ କଲୁ ? ସାଙ୍ଗେ ସାଙ୍ଗେ ଆସି ସଫା କର। ନ ହେଲେ ପିଠି ଫଟେଇ ଦେବି।

# କମ୍ ଖର୍ଚ୍ଚରେ ଭ୍ରମଣ





**ଖରାଦିନେ ମନ ଚାହେଁ ଏମିତି କୌଣସି ସ୍ଥାନକୁ ବୁଲି ଯିବାକୁ ଯେଉଁଠି ଖରାର ତେଜ ଖୁବ୍ କମ୍ ହେବା ସହ ଶୀତଳ ପବନର ସ୍ପର୍ଶ ମିଳୁଥିବା। ତା'ସାଙ୍ଗକୁ ପୁଣି ଏହା ବଜେଟ୍ ଫ୍ରେଣ୍ଡଲି ହେଲେ ଆହୁରି ଉତ୍ତମ। ତେଣୁ ଏଠାରେ ସେମିତି କେତୋଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଉଲ୍ଲେଖ କରାଗଲା; ଯେଉଁଠିକୁ କମ୍ ଖର୍ଚ୍ଚରେ ଖରାଦିନେ ବୁଲି ଯାଇହେବ...**



* **ଔଲି:** ଉତ୍ତରାଖଣ୍ଡର ଚମୋଲୀ ଜିଲାରେ ଅବସ୍ଥିତ ଔଲି ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ଶୈଳନିବାସ। ତେଣୁ କରି ବର୍ଷସାରା ଏଠାକାର ଜଳବାୟୁ ବେଶ୍ ଶୀତଳ ରହିଥାଏ। ଖାସ୍‌କରି ଖରାଦିନେ ଏଠାକୁ ବୁଲି ଆସିଲେ ଦେହମନକୁ ଖୁବ୍ ଶାନ୍ତି ମିଳିଥାଏ। ତା'ଛଡ଼ା ଏହା ଏକ ଲୋକପ୍ରିୟ ସ୍କିଂ ପଏଣ୍ଟ ଭାବେ ମଧ୍ୟ ଜଣାଶୁଣା। ବିଶେଷକରି ଶୀତଦିନେ ଏଠାରେ ହେଉଥିବା ତୁଷାରପାତରେ ସ୍କିଂ କରିବାର ମଜା ହିଁ କିଛି ନିଆରା ଅନୁଭୂତି ଦେଇଥାଏ ପର୍ଯ୍ୟଟକଙ୍କୁ। ଜୋଶୀମଠ, ତପୋବନ, ନନ୍ଦା ଦେବୀ, ମାନା ପର୍ବତ, ଔଲି ଆର୍ଟିଫିସିଆଲ୍ ଲେକ୍ ଇତ୍ୟାଦି ହେଉଛି ଏଠାକାର କେତୋଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ; ଯେଉଁଠିକୁ ଖୁବ୍ କମ୍ ଖର୍ଚ୍ଚରେ ବୁଲି ଯାଇହେବ।
* **ସକଲେଶପୁର:** କର୍ନାଟକର ହାସନ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ଶୈଳନିବାସ ହେଉଛି ସକଲେଶପୁର। ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ପର୍ବତୀୟ ପର୍ଯ୍ୟଟନସ୍ଥଳୀରେ ରହିଛି ଅନେକ ମନଛୁଆଁ ଦର୍ଶନୀୟସ୍ଥାନ। ବିଶେଷକରି କଫି, ଅଳେଇଚ, ଗୋଲମରିଚ ତଥା ଏରିକା ପାମ୍ ଚାଷ ପାଇଁ ଏହି ସ୍ଥାନର ରହିଛି ଭିନ୍ନ ଏକ ପରିଚୟ। ତା'ଛଡ଼ା ଖରାଦିନେ ଏଠାକାର ଶୀତଳ ଜଳବାୟୁ ଦେହ ଓ ମନକୁ ବେଶ୍ ଶାନ୍ତି ପ୍ରଦାନ କରିଥାଏ। ତେଣୁ ଅନ୍ୟଦିନ ତୁଳନାରେ ଖରାଦିନ ଆସିଲେ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳେ। କାରଣ ଏଠାରେ ଖୁବ୍ କମ୍ ଖର୍ଚ୍ଚରେ ଅନେକ ସ୍ଥାନ ବୁଲିହୁଏ।
* **ମଡିକେରୀ:** ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଲୋକପ୍ରିୟତା ହାସଲ କରିଥିବା ମଡିକେରୀ ହେଉଛି କର୍ନାଟକର କୋଡ଼ଗୁ ଜିଲାରେ ଅବସ୍ଥିତ ଏକ ଶୈଳନିବାସ ଟାଉନ୍। ସମୁଦ୍ର ପତ୍ତନଠାରୁ ପ୍ରାୟ ୧୧୫୦ ମିଟର ଉଚ୍ଚରେ ଅବସ୍ଥିତ ଏହି ଟାଉନ୍‌ରେ ଦେଖିବାକୁ ରହିଛି ଅନେକ ପାହାଡ଼, ଝରଣା, ସବୁଜ ବନାନୀ, କଫି ବଗିଚା, ଐତିହାସିକ ତଥା ଧାର୍ମିକ ସ୍ଥଳୀ। ବଜେଟ୍ ଫ୍ରେଣ୍ଡଲି ଡେଷ୍ଟିନେଶନ ଭାବେ ବି ଏହାର ରହିଛି ଭିନ୍ନ ଏକ ଖ୍ୟାତି। ତେବେ ଅନ୍ୟଦିନ ତୁଳନାରେ ଖରାଦିନେ ଏଠାକାର ଜଳବାୟୁ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହୁଥିବାରୁ ଏହି ସମୟରେ ଆଗନ୍ତୁକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ।
* **ମାଥେରାନ୍:** ଏହା ହେଉଛି ମହାରାଷ୍ଟ୍ରସ୍ଥିତ ଏକ ପ୍ରସିଦ୍ଧ ଶୈଳନିବାସ। ସମୁଦ୍ରପତ୍ତନଠାରୁ ପ୍ରାୟ ୮୦୦ ମିଟର ଉଚ୍ଚତାରେ ଥିବା ଏହି ଶୈଳନିବାସରେ ପର୍ଯ୍ୟଟକ ପ୍ରାୟ ୪୦ଟି ପଏଣ୍ଟ, ଦୁଇଟି ହ୍ରଦ, ଦୁଇଟି ପାର୍କ ତଥା ୪/୫ଟି ପ୍ରମୁଖ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ପାଇପାରିବେ। ତା'ଛଡ଼ା ଏଠାରେ ଥିବା ସନ୍‌ସେଟ୍ ପଏଣ୍ଟ ବି ଖୁବ୍ ଆକର୍ଷକ ଲାଗିଥାଏ। ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏଠାରେ ରହିଛି ଅନେକ ସୁବିଧା ଓ ସୁଯୋଗ। ଖାସ୍ କରି ଖରାଛୁଟି କଟାଇବା ପାଇଁ ଏହା ଏକ ଲୋକପ୍ରିୟ ବଜେଟ୍ ଫ୍ରେଣ୍ଡଲି ଡେଷ୍ଟିନେଶନ।
* **ମାଉଣ୍ଟ ଆବୁ:** ସବୁଜ ବନାନୀ ତଥା ଉଚ୍ଚ ପାହାଡ଼ ଦ୍ୱାରା ଘେରି ହୋଇ ରହିଥିବା ରାଜସ୍ଥାନସ୍ଥିତ ଏହି ଶୈଳନିବାସଟିର ପରିବେଶ ଖରାଦିନେ ବେଶ୍ ଆରାମଦାୟକ ରହିଥାଏ। ପର୍ଯ୍ୟଟକ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଏଠାରେ ଥିବା ଏକାଧିକ ଐତିହାସିକ ମନ୍ଦିର, ଦୁର୍ଗ ତଥା ମାଉଣ୍ଟ ଆବୁ ବନ୍ୟପ୍ରାଣୀ ଅଭୟାରଣ୍ୟ ବୁଲି ଦେଖିବାର ମଜା ମଧ୍ୟ ନେଇପାରିବେ। ବଜେଟ୍ ଫ୍ରେଣ୍ଡଲି ହୋଇଥିବାରୁ ଏଠାକୁ ଯିବାକୁ ପର୍ଯ୍ୟଟକଙ୍କୁ ବିଶେଷ କିଛି ଅସୁବିଧା ହୋଇ ନଥାଏ।
* **ପଞ୍ଚଗନୀ:** ମହାରାଷ୍ଟ୍ରର ସତାରା ଜିଲାରେ ରହିଛି ଏହି ଶୈଳନିବାସ। ସମୁଦ୍ରପତ୍ତନଠାରୁ ପ୍ରାୟ ୧୨୯୩ ମିଟର ଉଚ୍ଚତାରେ ଥିବା ଏହି ସ୍ଥାନଟି ବି ହେଉଛି ଏକ ବଜେଟ୍ ଫ୍ରେଣ୍ଡଲି ଡେଷ୍ଟିନେଶନ। ମନୋରମ ପରିବେଶ ଭିତରେ ଆବଦ୍ଧ ହୋଇ ରହିଥିବା ପଞ୍ଚଗନୀର ଜଳବାୟୁ ଗ୍ରୀଷ୍ମଦିନେ ବେଶ୍ ଥଣ୍ଡା ପ୍ରଦାନ କରୁଥିବାରୁ ଏଠାରେ ଗ୍ରୀଷ୍ମଛୁଟି କଟାଇବାକୁ ବହୁତ ଭଲ ଲାଗିଥାଏ।












# କଥା ଦିଆସିଲିର



ଦିନଥିଲା ପଥରକୁ ପଥର ଘଷି ନିଆଁ ଜଳା ଯାଉଥିଲା। ଯାହାକି ବେଶ୍ କଷ୍ଟକର କାମ ଥିଲା। ହଠାତ୍ ନିଆଁର ଆବଶ୍ୟକତା ପଡିଲେ ତାହା ପୂରଣ ହେଇପାରୁ ନ ଥିଲା। ତେଣୁ ଦିଆସିଲିର ଆବିଷ୍କାର ହେଲା। ଏକ ଛୋଟିଆ ବାକ୍ସ ଭିତରେ ଛୋଟ ଛୋଟ ବାରୁଦ ଲଗା କାଠି ନିଆଁର ଆବଶ୍ୟକତାକୁ ସବୁ ସମୟରେ ପୂରଣ କରିପାରିଲା। ଜିନିଷଟି ଛୋଟିଆ ହେଲେ ବି ତାହା ବେଶ୍ ଜରୁରୀ ପାଲଟିଗଲା। ଏମିତିକି ଆଜିକାର ଆଧୁନିକ ଯୁଗରେ ବି ଏହାର ଚାହିଦା କମିନି। ଜାଣିବା ସେଇ ଦିଆସିଲିର ଇତିହାସ ସମ୍ପର୍କରେ..

୧୯୭ ବର୍ଷ ପୂର୍ବେ ୧୮୨୬ରେ ବ୍ରିଟେନର କେମିଷ୍ଟ ଓ ଡ୍ରଗିଷ୍ଟ ଜନ୍ ୱାକର୍ ଦିଆସିଲିର ଆବିଷ୍କାର କରିଥିଲେ। ପଥରକୁ ଘଷି ନିଆଁ ଜଳାଇବା ପ୍ରକ୍ରିୟାରେ ପରିବର୍ତ୍ତନ ଆଣି ତାକୁ ଦିଆସିଲିର ରୂପ ଦେବାକୁ ସେ ହିଁ ପ୍ରଥମେ ଚିନ୍ତା କରିଥିଲେ। ଆଉ ଏମିତି ଏକ ବାରୁଦ ଲଗା ଛୋଟ କାଠି ତିଆରି କରିବାରେ ସଫଳ ହେଲେ ଯାହାକୁ ଖଦଡା ସ୍ଥାନରେ ଘଷିଲେ ନିଆଁ ଜଳିଲା। ହେଲେ ପ୍ରାରମ୍ଭିକ ସମୟରେ ଏହା ଘାତକ ସିଦ୍ଧ ହୋଇଥିଲା। ବିପଜ୍ଜନକ ବିସ୍ଫୋଟ ବି ଘଟିଥିଲା। ଆଉ ଅନେକେ ଆହତ ବି ହୋଇଥିଲେ। ତେବେ ଏଭଳି ହେବା ପଛର କାରଣ ଥିଲା– ଦିଆସିଲି କାଠିର ଉପରଭାଗର ବାରୁଦରେ ସେତେବେଳେ ସେ ଆଣ୍ଟିମନି ସଲ୍ଫାଇଡ୍, ପଟାସିୟମ କ୍ଲୋରେଟ,ଷ୍ଟାର୍ଚ ଓ ଅଠାର ମିଶ୍ରଣ ବ୍ୟବହାର କରିଥିଲେ। ମିଶ୍ରଣଟି ସୁଖିଗଲା ପରେ ତାହାକୁ ଖଦଡା ସ୍ଥାନରେ ଘଷିଲେ ନିଆଁ ଜଳି ଉଠୁଥିଲା। ହେଲେ ବିସ୍ଫୋଟ କରାଉଥିଲା। ଆଉ ବିସ୍ଫୋଟ ପରେ ଦୁର୍ଗନ୍ଧ ବି ହେଉଥିଲା। ସେ ନିଜର ଏହି ଆବିଷ୍କାରକୁ ପେଟେଣ୍ଟ କରାଇ ନ ଥିଲେ। କେବଳ ଲୋକଙ୍କୁ ଦେଖାଉଥିଲେ। ୧୮୨୭ରେ ସେ ନିଜର ଏହି ଦିଆସିଲିକୁ ବଜାରରେ ବିକ୍ରି କରିବା ପାଇଁ ଚେଷ୍ଟା କରିଥିଲେ। ହେଲେ ବିଶେଷ ସଫଳତା ମିଳିଲା ନାହିଁ। ୧୮୩୧ରେ ଫ୍ରାନ୍ସର ଚାର୍ଲସ ସୌରିୟା ଧଳା ଫସଫରସ୍ ବ୍ୟବହାର କରି ଦିଆସିଲି ତିଆରି କଲେ। ଏହାଦ୍ୱାରା ଦିଆସିଲି କାଠି ଜଳିବା ସହଜ ହେଲା। ଜଳିବା ପରେ ବାହାରୁଥିବା ଦୁର୍ଗନ୍ଧ ବି ଦୂର ହେଇଗଲା। କିନ୍ତୁ ଆଉ ଏକ ସମସ୍ୟା ସୃଷ୍ଟି ହେଲା। ସେଥିରୁ ନିର୍ଗତ ଧୁଆଁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଥିଲା। ତେବେ ବି ଏହାର ବ୍ୟବହାର ଅନେକ ବର୍ଷ ପର୍ଯ୍ୟନ୍ତ ହେଲା। ୧୮୪୪ରେ ସ୍ୱୀଡେନର ଗୁସ୍ତାଫ ପାସ୍ ଓ ୧୮୫୫ରେ ସ୍ୱୀଡେନର ଜେଇ ଲୁଣ୍ଡଷ୍ଟର୍ମ ସୁରକ୍ଷିତ ଦିଆସିଲି ତିଆରି କଲେ। ଯେଉଁଥିରେ ଲାଲ ଫସଫରସ୍‌ର ବ୍ୟହାର କରାଯାଇଥିଲା। ଆଉ ତାହା ସଫଳ ବି ହେଲା। ଏବେ ମଧ୍ୟ ଦିଆସିଲିରେ ଏହି ରସାୟନର ବ୍ୟବହାର କରାଯାଉଛି। ଦିଆସିଲିର କାଠି ବିଭିନ୍ନ ପ୍ରକାରର କାଠରେ ତିଆରି ହୋଇଥାଏ। ତେବେ ସବୁଠୁ ଭଲ ଦିଆସିଲି କାଠି ଆଫ୍ରିକୀୟ ବ୍ଲାକ୍ ଉଡ୍ ଗଛରୁ ତିଆରି ହୋଇଥାଏ। ପାଲ୍ପର୍ ନାମକ ଗଛର କାଠକୁ ବି ଦିଆସିଲି କାଠି ତିଆରି ପାଇଁ ବ୍ୟବହାର କରାଯାଏ। ଭାରତରେ ୧୯୨୬ରେ ଶିବକାଶୀର ଏ. ଶାନମୁଗା ନାଦାର ଓ ପି. ଅୟା ନାଦାର ଦୁଇ ସମ୍ପର୍କୀୟ ଭାଇ ଗାନ୍ଧିଜୀଙ୍କ ସ୍ୱଦେଶୀ ମନ୍ତ୍ରକୁ ଆପଣେଇ କାକା ମ୍ୟାଚ ଇଣ୍ଡଷ୍ଟ୍ରୀ ଓ ଅନିଲ ମ୍ୟାଚ ଫ୍ୟାକ୍ଟୋରୀ ଆରମ୍ଭ କରିଥିଲେ। ଏହା ପୂର୍ବରୁ ଦିଆସିଲି ବିଦେଶରୁ ଆମଦାନୀ ହେଉଥିଲା। ପରେ କିଛି ବିଦେଶୀ କମ୍ପାନୀ ମଧ୍ୟ ଭାରତରେ ପ୍ଲାଣ୍ଟ ଆରମ୍ଭ କରିଦେଇଥିଲେ।





# ଗରିବ ପିଲାଙ୍କ ପେଟ ବୁଝୁଥିବା ମା'



ଦିଲ୍ଲୀର ପଶ୍ଚିମ ବିହାରରେ ରୁହନ୍ତି ସରିତା କଶ୍ୟପ। ସେ ଜଣେ ସିଙ୍ଗଲ ମଦର। ପ୍ରଥମେ ଅଟୋମୋବାଇଲ ବିକ୍ରେତାଭାବେ ସେ କାମ କରୁଥିଲେ। ହେଲେ ଏହି କାମରେ ସେ ସନ୍ତୁଷ୍ଟ ନ ଥିଲେ। ତେଣୁ ଚାକିରି ଛାଡିଦେଲେ। ହାତରେ କିଛି କାମ ନ ଥିବାରୁ ନିଷ୍ପତ୍ତି ନେଲେ ହାତ ରନ୍ଧା ରାଜମା ଚାଓ୍ୱଲ ବିକ୍ରି କରିବେ। ତେଣୁ ନିଜ ସ୍କୁଟିରେ ସେ ଝିଅର ଷ୍ଟଡି ଟେବୁଲ୍‌କୁ ସଂଯୋଗ କରି ତା' ଉପରେ ରାଜ୍‌ମା ଚାଓ୍ୱଲ କଣ୍ଟେନର୍ ରଖି ବାହାରିଥିଲେ ପିରା ଗଡି। ଭାବିଥିଲେ ଯଦି ରାଜମା ଚାଓ୍ୱଲ ବିକ୍ରି ନ ହୁଏ ତେବେ ବାଣ୍ଟି ଦେଇ ଚାଲି ଆସିବେ। ହେଲେ ପ୍ରଥମ ଦିନରୁ ହିଁ ଲୋକେ ତାଙ୍କ ହାତ ରନ୍ଧା ରାଜ୍‌ମା ଚାଓ୍ୱଲକୁ ପସନ୍ଦ କଲେ। ଲୋକେ ଖୁସିରେ ଖାଇବା ସହ ଅନେକେ ପ୍ୟାକ୍ କରି ଘରକୁ ବି ନେଲେ। ଆଉ ଯାହା ବଳକା ହେଇଥିଲା ସେଦିନ ସେ ଗରିବ ପିଲାଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ। ଯେଉଁଥିରେ ସେ ଆତ୍ମସନ୍ତୋଷ ପାଇଥିଲେ। ଏହାପରେ ସେ ନିଷ୍ପତ୍ତି ନେଲେ ରାଜମା ଚାଓ୍ୱଲକୁ ଯିଏ ପଇସା ଦେଇ ଖାଇପାରିବ ତାଙ୍କୁ ଦେବେ, ଯିଏ ଅଳ୍ପ ଟଙ୍କା ଦେବେ ତାକୁ ବି ସେ ଖାଇବାକୁ ଦେବେ ଓ ଯିଏ ଜମାରୁ ନ ଦେଇ ପାରିବ ତାକୁ ବି ସେ ଖାଲି ପେଟ ଛାଡିବେନି। ଏହି ନୀତିରେ ସେ ଦୀର୍ଘ ୨୦ ବର୍ଷ ହେବ ପିରା ଗଡି ଅଞ୍ଚଳରେ ରାଜମା ଚାଓ୍ୱଲ ବିକ୍ରି କରୁଛନ୍ତି। ଆଉ ପଇସା ନ ଥିବା ଲୋକ ଓ ପିଲାଙ୍କୁ ମାଗଣାରେ ରାଜମା ଚାଓ୍ୱଲ ଖୁଆଉଛନ୍ତି। ଫଳରେ 'ଆଣ୍ଟି କା ଷ୍ଟଲ' ଭାବେ ସେ ବେଶ୍ ପରିଚିତ ହୋଇପାରିଛନ୍ତି। କେବଳ ସେତିକି ନୁହେଁ ଭିକ ମାଗୁଥିବା ପିଲାଙ୍କୁ ସେ ଏଇ ସର୍ତ୍ତରେ ଖାଇବାକୁ ଦିଅନ୍ତି ଯେ, ଭିକ ମାଗିବା ବନ୍ଦ କରି ପଢିବା ଆରମ୍ଭ କଲେ ସେ ପ୍ରତିଦିନ ମାଗଣା ଖାଇବାକୁ ଦେବେ। ଏମିତି କରି ସେ ଅନେକ ପିଲାଙ୍କୁ ଭଲ ବାଟକୁ ବି ଆଣିଛନ୍ତି। ତା'ସହ ସେ ଗରିବ ପିଲାଙ୍କ ପାଇଁ ସ୍କୁଲ ଡ୍ରେସ୍, ବହି, ଜୋତା କିଣି ବି ବାଣ୍ଟି ଥାନ୍ତି।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ତେଲ



ପଲିଥିନ୍ ବ୍ୟବହାର ବେଆଇନି ଘୋଷଣାହେବା ଆଗରୁ ମୁଁ କନାବ୍ୟାଗ ଉପରେ ଭରସା କରୁଥିବା କାରଣରୁ ପୁରୁଣା ଫୁଲ୍ ପ୍ୟାଣ୍ଟରୁ ନୂଆ ବ୍ୟାଗ ବନେଇବାକୁ ଜଣେ ଦରଜୀ ପାଖକୁ ଗଲି । ତାଙ୍କ ସିଲେଇ ମେସିନ୍ ଅଧିକ ଘଡ଼ ଘଡ଼ ଶବ୍ଦ କରୁଥିବାରୁ ପଚାରିଲି – ତମେ କଣ ଆଜି ମେସିନରେ ତେଲ ଦେଇନ କି? କହିଲା.. ନାଁ । ତେଲ ସରିଯାଇଛି, ତେଣୁ ଦେଇନି । ତାଙ୍କୁ ପଇସା ଦେଇ ତେଲ କିଣେଇ ମେସିନରେ ଦେବାରୁ ସୁମଧୁର ସ୍ୱରରେ ଚାଲିଲା । ଆଉ ଆଗପରି କର୍ଣ୍ଣ କଟୁ ଶବ୍ଦ ମେସିନରୁ ବାହାରିଲା ନାହିଁ ।

ଜେନାବାବୁ ସିନା ବେଶି ପାଠ ପଢ଼ିନାହାନ୍ତି, ହେଲେ କେଉଁଠି କାହାକୁ କେମିତିଆ କଥା କହିଲେ, ତାଙ୍କ ମନ ଖୁସିହୋଇ ସ୍ନେହର ଅଶ୍ରୁଜଳ ଗଳ ଗଳ ଗଳିପଡିବ, ସେଇବିଦ୍ୟା ତାଙ୍କୁ ଭଲ ମାଲୁମ୍ । ଥରେ ତାଙ୍କ ସହ ଗୋଟେ କାମରେ ଯାଉ ଯାଉ ସାମ୍ନା ପଟରୁ ଦୀନା ବାବୁ ଆସୁଥିବା ଦେଖି, ଆପଣା କଟିକୁ ବକ୍ରକରି କପାଳରେ କରଯୋଡି ମଥାକୁ ଆଣ୍ଠୁଯାଏଁ ନୁଆଇଁ ଭକ୍ତିଭରେ ଏମିତି ସମ୍ମାନ ସହ ପ୍ରଣାମ ଜଣେଇଲେ ଯେ, ଆଧୁନିକ ଯୁଗରେ ଏମନ୍ତ ମାନ୍ୟତା – ମତେ ଚକିତ କଲା । ଖାଲି କଣ ସେତିକି, ତାଙ୍କୁ ଅଟକେଇ କହିଲେ.. ବାବୁ! ଆପଣ କ'ଣ ଲେଖୁଛନ୍ତି ମ ! ଅତି ସୁନ୍ଦର, ଚମତ୍କାର, ଅତିମୂଲ୍ୟବାନ, ଉଚ୍ଚକୋଟିର ଲେଖା । ସୋସିଆଲ ମିଡିଆରେ ଯେଉଁ କବିତାସବୁ ଛାଡୁଛନ୍ତି, ତାକୁ ପଢ଼ି ମୁଁ ତ ବହୁତ ଖୁସି, ହେଲେ ମୋ ପତ୍ନୀ ତତୋଧିକ ଆନନ୍ଦ । ଆଉ ମୋ ପୁଅ.. ଖୋଜି ଖୋଜି ପଢ଼ି ଯେଭଳି ପ୍ରଶଂସା କରେ.. ତା'ର ତ ସୀମା ନାହିଁ । ଏକଥା ଶୁଣି ଦୀନା ବାବୁ କୃତ୍ୟ କୃତ୍ୟ ହୋଇ ପକେଟରୁ କାଗଜ କାଢ଼ି, ରାସ୍ତାରେ ଠିଆ ଠିଆ ପୁଞ୍ଜେ ସଦ୍ୟ କବିତା ପଢ଼ି ଶୁଣେଇ, କହିଲେ.. ବୁଝିଲ ଜେନାବାବୁ! ଆଜିକାଲି ସିନା କବିତା ଲେଖୁଛନ୍ତି ପଣ ପଣ, ହେଲେ ଅସଲ କବି, ମୋ ଭଳିଆ କେତେଜଣ ? ଯା 'ହଉ, ତମକୁ ଓ ତମ ପରିବାର ବର୍ଗଙ୍କୁ ମୋ କବିତା ଏତେ ଭଲ ଲାଗୁଛି ଶୁଣି, ଏବେ ଜାଣିଲି.. ଓଡ଼ିଆ ସାହିତ୍ୟ ତଥା କବିତାର ମୂଲ୍ୟ ବୁଝୁଥିବା ଅନେକ ରତ୍ନ–ଲୁଚିଛପି ସମାଜରେ ଅଛନ୍ତି । ଏ କଥା ଶୁଣି ଜେନାବାବୁ ମୁଣ୍ଡ ଝୁଙ୍ଗାରି ହେଁ ହେଁ ହସି ବିଦାୟ ଦେଲେ ।

ଦୀନା ବାବୁ ଗଲାପରେ ମୁଁ ଜେନା ବାବୁଙ୍କୁ ପଚାରିଲି.. ବାବୁଙ୍କ କୋଉ କବିତା ଏତେ ଭଲଲାଗୁଛି, ଟିକେ ଦୟାକରି ଶୁଣେଇଲ । ସେ କହିଲେ.. ଭାଇ ! ମୁଁ କିଏ ନା କବିତା କିଏ ? ମୋ ଚଉଦ ପୁରୁଷରେ କିଏ କବିତାର ଧାର ଧାରନ୍ତି ନା ! ଯଦି କେତେବେଳେ ତାଙ୍କ କବିତା ମୋ ଆଖିରେ ପଡ଼େ, ତେବେ ସେ ସାରୁ.. ଆଳୁ.. କି ବାଇଗଣ, ଲେଖନ୍ତି କ'ଣ କିଛି ନପଢିକି ନ ବୁଝି ବଢିଆ.. ଚମତ୍କାର ହୋଇଛି, ଏମିତି ମତାମତ ଦେଇଦିଏ । ଅସଲ କଥାହେଲା, ବାବୁ କହନ୍ତି.. ତାଙ୍କର ଉପରେ ବହୁତ ବଡ଼ ଅଫିସର ଭାରି ଚିହ୍ନା । କାଳେ ମୋ ବେକାରିଆ ପୁଅକୁ କୋଉଠି ଚାକିରୀରେ ପୂରେଇଦେବେ, ସେଇ ଆଶା ଭରସାରେ ଏସବୁ କହିଦେଲି ନା !

ଆଜ୍ଞା ! ଏଇ ତେଲମରା କଥାରୁ ଆଉଗୋଟିଏ କଥା ମନେପଡିଲା । ଯଦି କୌଣସି ସୁନ୍ଦରୀ ତରୁଣୀ କି ଭଦ୍ର ମହିଳାଙ୍କର କୋଉ ପତ୍ର–ପତ୍ରିକାରେ ଗଳ୍ପ, କବିତା କି ପ୍ରବନ୍ଧ ଛପାଯାଇ ତଳେ ଫୋନ ନମ୍ବର ଦିଆଯାଇଥାଏ, ତେବେ ରାତି ଅଧିଆ ଅନେକ ପ୍ରଶଂସକ ଫୋନରେ ପ୍ରଶଂସାର ମଧୁର ବାକ୍ୟବ୍ୟୟ ସହ ସୀମାହୀନ ସମୟର ବାର୍ତ୍ତାଳାପକୁ ଏଡେଇ ଦେଇହେବନି । ସେମିତିକା ଆମ ଦାସ ବାବୁ । ଭାରି ଉଚ୍ଚ ପ୍ରଶଂସା କରନ୍ତି.. ମିସେସ ନାୟକଙ୍କୁ । ତାଙ୍କ କବିତାର ମର୍ମ ଫେସବୁକ୍ ରୁ ପଢ଼ି କ'ଣ ବୁଝନ୍ତୁ କି ନ ବୁଝନ୍ତୁ, ମତାମତ ଦେଇ ଲେଖନ୍ତି... ଏଭଳି ଉଚ୍ଚମାନର କବିତାର ମୂଲ୍ୟ ବୁଝିବାକୁ ସେଇଭଳି ଜ୍ଞାନ ଥିବା ଦର୍କାର । ଆପଣଙ୍କ କବିତା, ସାହିତ୍ୟ ଏକାଡେମୀରୁ ପ୍ରଥମ ପୁରସ୍କାର ପାଇବା ଯୋଗ୍ୟ । ଦିନେ କଥାଛଳରେ ପଚାରିଲି.. ହେୟେ ଦାସ ବାବୁ ! ମତେ ଆଜି ମିସେସ ନାୟକଙ୍କ ଗୋଟେ ବିଶେଷ କବିତାରୁ ଦି ଧାଡି କହିଲେ ! କହିଲେ.. ହେଃ, ମୁଁ ମୁଣ୍ଡା ମୁଣ୍ଡି ମାଟ୍ରିକ ପାସ୍ । ଦି ଧାଡି ଦେଖିକି ପଢିଲେ ଛ' ଥର ଝୁଣ୍ଟିବା ଥୟ । କେବଳ କବିତାକୁ ମାଧ୍ୟମକରି ତାଙ୍କ ଗୁଣଗାନ ଉଦ୍ଦେଶ୍ୟ.. ସେ ବହୁତ ସୁନ୍ଦରୀ ତ । ମୋ ପ୍ରଶଂସାରେ କାଳେ ଇମ୍ପ୍ରେସ ହେଇ କେବେ ବନ୍ଧୁତାର ନିବିଡ ବନ୍ଧନରେ ଛନ୍ଦିହୋଇ କୋଉଦିନ ଭିଡ଼ିନେବେ ତାଙ୍କ ଘରକୁ !

ଅଫିସର ବୁଢ଼ା.. ମହା ତେଢ଼ା । ପ୍ରବଳ ଲୋଭାଟା । ଆପଣା ସ୍ୱାର୍ଥ ହାସଲ ପାଇଁ ରାତି ଅଧଯାଏଁ ଖଟେଇ ମାରୁଛି । କୋଉଦିନ ଏଠୁ ବିଦା ହୁଅନ୍ତା କି ବନ୍ଧା ହୁଅନ୍ତା କି ମରନ୍ତା କି! ଏମିତି ଶୁଭ ଚିନ୍ତାକରି ନିଇତି ଅଫିସରଙ୍କ ପଛରେ ଗାଳି କରୁଥିବା ପ୍ରଧାନ ବାବୁ ଯେତେବେଳେ ଫାଇଲି ପୁଳେ ଧରି, ଲୋକ ପିଛା ହଜାରେରୁ ପାଞ୍ଚ ହଜାରେ ପାଇଥିବା ଫାଇଦାରୁ ଅଫିସରଙ୍କ ଦସ୍ତଖତ କରିବାକୁ ଯାଇ ପ୍ରାପ୍ୟ ଅର୍ଥର ସିଂହଭାଗ ଧରେଇ, ଉପରେ ସିନା ପାନଖିଆ ବତିଶି ଦାନ୍ତ ଦେଖେଇ ହସି କଥା ହୁଅନ୍ତି, ହେଲେ ଅନ୍ତର ଭିତରେ ରକ୍ତ ଚାଉଳ ଚୋବେଇ ହେଉଥିଲେ ବି.. କହନ୍ତି – ସାର୍ ! ମୋ ଦେଖିବାରେ କେତେ ଅଫିସର ଗଲେଣି, ମାତ୍ର ଆପଣଙ୍କ ଭଳିଆ ନିର୍ଲୋଭୀ, ସତ୍ୟବାଦୀ, କର୍ମକୁଶଳ ସର୍ବଗୁଣ ଯୁକ୍ତ ଅଫିସର.. ଆଜିଯାଏଁ ମୁଁ ଦେଖିନି । ଅସଲ କଥା ହେଲା, ଆପଣଙ୍କ ପରି ଜ୍ଞାନ କି ଅନୁଭୂତି ସେମାନଙ୍କର ନଥିଲା । ଚାରିଆଡେ ଆପଣଙ୍କ ଗୁଣର ଚର୍ଚ୍ଚା । ଭାଗ୍ୟରେ ଥିଲେ ଆପଣଙ୍କ ପରି ଅଧିକାରୀ ମିଳନ୍ତି । ଯା ହେଉ.. ପ୍ରଧାନ ବାବୁଙ୍କ ତେଲବୋଳା କଥାରେ ସାର୍ ସନ୍ତୁଷ୍ଟ ହୋଇ ସବୁକାମ ଖୁସିରେ କରିଦିଅନ୍ତି । ଆଉ ଯିଏ ଯୋଉ ଫାଇଲି ଧରି ଆସିଲେ, ପ୍ରଧାନ ବାବୁଙ୍କୁ ଡାକରା ପଡ଼େ । କହନ୍ତି... ପ୍ରଧାନ ବାବୁ ! ଦେଖିଲ,... ଅମୁକ ଫାଇଲିଟା ଦସ୍ତଖତ କରିହେବ କି ନା ? ବିଚରା ବିଶ୍ୱବିଦ୍ୟାଳୟରୁ ଉଚ୍ଚଡିଗ୍ରୀଧାରୀ ଭାରପ୍ରାପ୍ତ ଅଧିକାରୀ, ମୁଣ୍ଡା ମାଟ୍ରିକ ପଢୁଆ ପ୍ରଧାନ ବାବୁଙ୍କ କଥାରେ ପୋଷା ବଳଦ ପ୍ରାୟେ କଲମ –କର୍ଷଣ କରାଯାଇଥିବା ଫାଇଲି କ୍ଷେତରେ ଫାଇନାଲ ସାଂକ୍ସନ /ଦସ୍ତଖତ ବିହନ ଆଖିବୁଜା ବୁଣିଚାଲନ୍ତି ।

ଜଣଙ୍କ ଘରେ ଦୁଇ ବୋହୂ ଭିତରୁ ଯଦିଓ ବଡ଼ ବୋହୂ ସାବୀ, ସରଳା–ସୁନ୍ଦରୀ–ସୁଶୀଳା–ସତ୍ୟବାଦିନୀ–ଗୁଣବତୀ ଥିଲେ, ହେଲେ ଶାଶୁ ମା' ଛନ୍ନଛନ୍ନ–କନକନ ହେଉଥିବା ସାନବୋହୂ କନକକୁ ବେଶି ଭଲପାଇ ଆଦର ଦେଇ ଅଧିକ ବିଶ୍ୱାସ କରନ୍ତି । ଟଙ୍କା ଶହେ ମାଗିଲେ, ପାଁଶହ ଟଙ୍କିଆ ନୋଟ ତା' ହାତରେ ଗୁଞ୍ଜି ଦିଅନ୍ତି । ଯୋଉଠିକି ବୁଲିବାକୁ ଚାହିଁଲେ ଛାଡ଼ିଦିଅନ୍ତି । ମାତ୍ର ବଡ଼ବୋହୂ ଦଶଟଙ୍କା ମାଗିଲେ ଗାରୁଗାରୁ ହେଇ ଗାଳିକରନ୍ତି । ବଡ଼ବୋହୂ ଖଟିଖଟି ମରୁଥାଏ । ସାନବୋହୂ ଫାଇଦା ଉଠେଇବା ତରିକାରେ ଧାଇଁ ଆସି ଶାଶୁଙ୍କ କୋଳରେ ଶୋଇ କଥା ଆରମ୍ଭକରେ... ମା ! ଆପଣଙ୍କ ବୟସବେଳେ ରାଜକୁମାରୀ ପରି ଦିଶୁଥିବେ । ଏବେବି କୋଉ ରାଣୀ ତ ଆପଣଙ୍କ ପାଶଙ୍ଗରେ ପଡିବେନି । ମା, ଆପଣଙ୍କ କଣ୍ଠ ସ୍ୱର.. କୋଇଲିଠୁ ସୁମଧୁର । ଆପଣଙ୍କ ହୃଦୟ ମନ ଦୟା–ଧର୍ମରେ ଭରା । ଜାଣିଛନ୍ତି ମା ! ମୋ ମାମା ତ ସବୁବେଳେ ସମସ୍ତଙ୍କୁ ଆପଣଙ୍କ ସୁଗୁଣ ଗାଇ କହୁଥାନ୍ତି । ଏମିତି ବେଳାରେ ଟଙ୍କା ମାଗିଲେ, ଶାଶୁ ନିଜେ ଟ୍ରେଜେରୀ.. ଆଲମିରା ନ ଖୋଲି ଚାବିପେନ୍ଥା ସାନବୋହୂ ହାତକୁ ବଢେଇ ନ ଦେବେ, ଏମିତି ଭାବିବା ପାପ । ଅବଶ୍ୟ ଯୋଉଦିନ ମଉକାପାଇ ଯାବତୀୟ ଟଙ୍କା, ସୁନା ଅଳଙ୍କାର ହାତେଇ, ପୂର୍ବ ଅର୍ଜିତ ପୁରୁଷ ବନ୍ଧୁଙ୍କ ସହ ରାତିଅଧିଆ ଘରଛାଡ଼ି ଉଡ଼ିଗଲା, ସେଇଦିନ ସେ ବୁଝିଲେ.. ଅତିଭକ୍ତି ଚୋରର ଲକ୍ଷଣ । ଖାଲି ଛାତିକି ପିଟି କହୁଥିଲେ... ଚିକ୍କଣକହି, ଘରେ ମୋର କଳାକନା ବୁଲେଇ, କୋଉ ନାଗର ସାଥୀରେ ପଳେଇ ଗଲା.. ରେ...!!

ବିଜ୍ଞଜନେ ! ଦେଖିଲେ ତ ! ମଧୁବାବୁ କଣ ମିଛରେ ଲେଖିଥିଲେ.. ତୋଷାମଦିଆର କୁକୁର ପ୍ରକୃତି ଅଇଁଠା ପତରେ ଧ୍ୟାନ... । ଆଜ୍ଞା ! ସାବଧାନ । ଏଇ ଚିକ୍କଣ କାନକୁହା, ତେଲମରା ଅଯଥା ପ୍ରଶଂସକଙ୍କ କେମିତି ମୁହଁରେ ମହୁ.. ଅନ୍ତରେ ବିଷ ! ୟାଙ୍କ ଠାରୁ ଦେଢ଼ଶହ ହାତରୁ ବଳକା ଦୂରରେ ନିଜକୁ ରଖି ନ ଚାଲିଲେ, କେତେବେଳେ ପାଦ ଚାଟୁଚାଟୁ ଚୁଟିତକ ଚଲୁ ନକରିବେ.. କିଏ ଗ୍ୟାରେଣ୍ଟି ଦେବ ?

–ମଙ୍ଗରାଜ ପୁର, ପୁରୀ, ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଆଲବମ୍‌ରେ ଏକାଏକା

**ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ, ପ୍ରକାଶକ– ବିଜୟ ଶଙ୍କର ପାତ୍ର ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦ ବିହାରୀ, କଟକ–୨, ମୂଲ୍ୟ–୧୫୦ଟଙ୍କା**


ଆଲବମ୍‌ରେ ଏକାଏକା ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀଙ୍କ କବିତା ପୁସ୍ତକ । ଏଥିରେ ୪୮ଟି କବିତା ସ୍ଥାନ ପାଇଛି । ମଣିଷର ପ୍ରକୃତି ଓ ପ୍ରବୃତ୍ତିର ଚିତ୍ରାୟନ ହେଉଛି 'ଆଲବମ୍‌ରେ ଏକା ଏକା'ପୁସ୍ତକ । ହାରି ଯାଉଥିବା ଜୀବନର ଏହା ଯେତିକି କାରଣ ଖୋଜିଛି, ହଜିଯାଉଥିବା ସ୍ୱାଭିମନ ଓ ବ୍ୟକ୍ତିସତ୍ତା ପ୍ରତି ସେତିକି ସମ୍ବେଦନଶୀଳ ମଧ୍ୟ ହୋଇଛି । ଏଥିରେ ଥିବା କବିତାଗୁଡିକରେ ମାନବୀୟ ସତ୍ତାର ଆତ୍ମ ଅନ୍ୱେଷଣ ଲାଗି ଚେଷ୍ଟା କରାଯାଇଛି । ଏଥିରେ ମା' ଆଉ ମାଟିକୁ କବି କେତେ ଭଲ ପାଇଛନ୍ତି ତାହା ପ୍ରମାଣିତ ହୋଇଛି । ଯେକୌଣସି କବିତା ଏଥିରୁ ପଢନ୍ତୁ ତାହା ପାଠକଙ୍କୁ ବାନ୍ଧି ରଖିବ ଓ ଭାବିତ କରିବ ।




### ଅନୁଭୂତିର ସକାଳ

**କେଦାର ନାଥ ଜାଲି, ଭାଷା ପ୍ରକାଶନ, ସେକ୍ଟର–୭ କଟକ–୧୪, ମୂଲ୍ୟ– ୧୩୫ଟଙ୍କା**

'ଅନୁଭୂତିର ସକାଳ' କେଦାର ନାଥ ଜାଲିଙ୍କ ପୁସ୍ତକ । ଏଥିରେ ଲେଖକ ପ୍ରବନ୍ଧ, ରମ୍ୟ ରଚନା, ଗଳ୍ପ ଓ ଭ୍ରମଣ କାହାଣୀକୁ ସ୍ଥାନ ଦେଇଛନ୍ତି । ମଣିଷଠାରୁ ଆରମ୍ଭକରି ଗାଈ, ଗୋରୁ, କୁକୁର ବିଲେଇ ଆଦି ଅନ୍ୟ ଜୀବଜନ୍ତୁଙ୍କ ଉପରେ ସେ ଲେଖନୀ ଚାଳନା କରିଛନ୍ତି । ଏଥିରେ ପ୍ରକାଶିତ ଲେଖାଗୁଡିକ ଅନୁଭୂତି ଉପରେ ଆଧାରିତ । ଏଥିରେ ଜୀବନ ସଂଗ୍ରାମର ବାର୍ତ୍ତା, ମାନବବାଦୀ ଚିନ୍ତାଧାରା, ଅନୁଭୂତି ସମ୍ପନ୍ନ ଅଭିଜ୍ଞତା, ଜୀବନ ଦର୍ଶନ, ସାତ୍ତ୍ୱିକ ମୂଲ୍ୟବୋଧ ସମ୍ପର୍କରେ ଲେଖକ ବର୍ଣ୍ଣନା କରିଛନ୍ତି । ଅନୁଭବର ବେଳାଭୂମିରୁ ଶାମୁକା ସାଉଁଟି 'ଅନୁଭୂତିର ସକାଳ'ଭାବରେ ଯେଉଁ ଭେଟି ଦେଇଛନ୍ତି ତାହା ସୁଖପାଠ୍ୟ ହେବ ଏଥିରେ ସନ୍ଦେହ ନାହିଁ ।




### ବୁନ୍ଦାଏ କାକର

**ଶତପଥୀ ରୋଜାଲିନ ବେହେରା, ପ୍ରକାଶକ– ବସନ୍ତ ପବ୍ଲିକେଶନ ଡଗରପଡା, କଟକ–୨, ମୂଲ୍ୟ–୨୪୦ଟଙ୍କା**

'ବୁନ୍ଦାଏ କାକର' ଶତପଥୀ ରୋଜାଲିନ ବେହେରାଙ୍କ ଉପନ୍ୟାସ । ଉପନ୍ୟାସଟି ଗ୍ରାମ୍ୟ ଜୀବନର ଏକ ଦସ୍ତାବିଜ୍ । ଗାଁ ବି ହେଉଛି ମା' ପରି । ମା' ଭଳି ଗାଁ ସବୁ ସହେ । ବିସ୍ତୀର୍ଣ୍ଣ ତାର ପଣତ ତଳେ ଲୁଚିଯାଏ କେତେକେତେ ରାଗ, ରୁଷା ଓ ଅଭିମାନ । ଯେଉଁଠାରୁ ସୃଷ୍ଟି ହୁଏ ଉପନ୍ୟାସ । ଉପନ୍ୟାସଟି ଉଭୟ ସାମାଜିକ ଓ ରାଜନୈତିକ ଜୀବନଧାରାରେ ଲେଖାଯାଇଛି । ସ୍ଥାନୀତ ଚରିତ୍ରଗୁଡିକ ଦୁଃଖ ଓ ଦୁର୍ଦ୍ଦଶାର କଥା କହୁଛି । କିନ୍ତୁ ଶେଷ ଆଡକୁ ରାଜନୈତିକ ଶୋଷଣ, ଲୁଣ୍ଠନ ଭଳି ନିନ୍ଦନୀୟ ଘଟଣାଚକ୍ର ରହିଛି । ଲେଖିକା ଉପନ୍ୟାସରେ ସୁନ୍ଦର ଭାବେ ଏସବୁକୁ ବର୍ଣ୍ଣନା କରିଛନ୍ତି । ଯାହା ପାଠକଙ୍କୁ ବାନ୍ଧି ରଖିବ ବୋଲି ଆଶା ।



ବ୍ୟାକ୍ ପେଜ୍

# ୨୦ ଫୁଟ୍‌ର ଖଟ

ବ୍ରାଜିଲ, ସାଓ ପାଉଲୋରେ ରହୁଥିବା ଆର୍ଥର ଓ ଉର୍ସୋ ଏବେ ବେଶ୍ ଚର୍ଚ୍ଚାରେ। ପ୍ରଥମତଃ ତାଙ୍କର ଅଛନ୍ତି ୬ଜଣ ସ୍ତ୍ରୀ। ଦ୍ୱିତୀୟରେ  ନିଜ ୭ ସ୍ତ୍ରୀଙ୍କୁ ଖୁସି କରିବା ଲାଗି ସେ ନିକଟରେ ତିଆରି କରାଇଛନ୍ତି ୨୦ ଫୁଟ୍ ଲମ୍ବା ଓ ୭ ଫୁଟ ଓସାରର ଏକ ଖଟ। ଯେଉଁଥିପାଇଁ ତାଙ୍କୁ ଖର୍ଚ୍ଚ କରିବାକୁ ପଡ଼ିଛି ୮୧ ଲକ୍ଷ ୫୪ ହଜାର ଟଙ୍କା। ଉକ୍ତ ଖଟ ପ୍ରସ୍ତୁତ ହେବା ଲାଗି ୧୫ ମାସ ସମୟ ଲାଗିଥିଲା। ୧୨ ଜଣ କାରିଗର ମିଶି ଏହାକୁ ତିଆରି କରିଥିଲେ। ଏହି ଖଟର ଫଟୋ ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରି, ଲେଖିଛନ୍ତି ସମ୍ପର୍କ ଭିତରେ ଖୁସି ଆଣିବା ଲାଗି ମୁଁ ଏଭଳି କାମ କରିଛି, ଯାହା ଅନ୍ୟ ପାଇଁ ଅସମ୍ଭବ। ତାହା ମୁଁ ତିଆରି କରି ଦେଖାଇଛି। ଆଉ ଗଢ଼ିଛି ପୃଥିବୀର ସବୁଠାରୁ ବଡ଼ ଖଟ। ଆର୍ଥର କୁହନ୍ତି, 'ସ୍ତ୍ରୀମାନଙ୍କ ସହ ଏକାଠି ବସି ଗପସପ ହେବାବେଳେ ସୋଫାରେ ଯାଗା ହୁଏନା। ଏମିତିକି ଡବଲ



ବେଡ୍‌ରେ ବି ଏକାଠି ବସିବାବେଳେ  ଅସୁବିଧା ହେଉଥିଲା। ସେଥିପାଇଁ ଏକ ବଡ଼ ଖଟ ତିଆରି କରିବାର ଯୋଜନା କଲି। ଯାହାକି ଏବେ ସାକାର ହୋଇପାରିଛି।' ବ୍ରାଜିଲରେ ବହୁ ପତ୍ନୀ ରଖିବା ଆଇନସମ୍ମତ। ୨୦୦୧ ରେ ସେ ପ୍ରଥମ ବିବାହ କରିଥିଲେ। ପରେ ସେ ଜଣ ଜଣ କରି ୮ଜଣଙ୍କୁ ବିବାହ କଲେ। ତେବେ ଦୁଇଜଣଙ୍କୁ ସେ ଛାଡପତ୍ର ଦେଇଛନ୍ତି। ତେଣୁ ଏବେ ତାଙ୍କର ଅଛନ୍ତି ୬ ଜଣ ପତ୍ନୀ।





# ୧୦୬ ବର୍ଷୀୟା ଟାଟୁ ଆର୍ଟିଷ୍ଟ

ସାଧାରଣତଃ ୭୦-୮୦ ବର୍ଷ ବୟସ ହେଇଗଲେ ମଣିଷ ଶରୀର ଏତେ ଦୁର୍ବଳ ହେଇଯାଏ ଯେ, ବସିବା ଉଠିବା, ଚାଲିବା କଷ୍ଟକର ହୋଇଯାଏ। ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି ବି କମିଯାଏ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ୧୦୬ ବର୍ଷ ବୟସର ଜଣେ ବୃଦ୍ଧା ନା କେବଳ ବେଶ୍ ଚଳଚଞ୍ଚଳ ଅଛନ୍ତି, ବରଂ ସେ ଟାଟୁ ପରି ସୂକ୍ଷ୍ମ କାର୍ଯ୍ୟ କରୁଛନ୍ତି। ସେ ହେଉଛନ୍ତି ଫିଲିପାଇନ୍ସର ହ୍ୱାଙ୍ଗ ଆଡ଼। ସେ ମାରିୟା ଓଗେ ନାମରେ ବି ବେଶ୍ ପରିଚିତ। ୧୫ ବର୍ଷ ବୟସର ହୋଇଥିବାବେଳେ ସେ ସ୍ୱତନ୍ତ୍ର ବଟୋକ ଟାଟୁର ପାରମ୍ପରିକ ପଦ୍ଧତି ନିଜ ବାପାଙ୍କଠାରୁ ଶିଖିଥିଲେ। ଫିଲିପାଇନ୍ସର ବୁସ୍କଲାନାରେ ସେ ଟାଟୁ କରନ୍ତି। ତାଙ୍କୁ ସବୁଠାରୁ ପୁରୁଣା ମମ୍ବାବାତୋକ ଟାଟୁ ଆର୍ଟିଷ୍ଟ ଭାବେ ଗଣନା କରାଯାଏ। ଏଠାକାର କଳିଙ୍ଗା ପରମ୍ପରା ଅନୁଯାୟୀ ପୁରୁଷମାନେ ଯେବେ ଶତ୍ରୁଙ୍କୁ ମାରିବା ଲାଗି ଯୁଦ୍ଧ କରିବାକୁ ଯାଉଥିଲେ, ତା'ପୂର୍ବରୁ ସେମାନେ ଏହି ଟାଟୁ କରୁଥିଲେ। ଆଉ ମହିଳାମାନେ ନିଜ ସୌନ୍ଦର୍ଯ୍ୟ ବର୍ଦ୍ଧନ ପାଇଁ ଏହି ଟାଟୁ କରୁଥିଲେ। ଏହି ବହୁ ପୁରାତନ ଟାଟୁ କଳାର ପରମ୍ପରାକୁ ବଜାୟ ରଖିଛନ୍ତି ହ୍ୱାଙ୍ଗ। ବୟସ ଏତେ ହୋଇଥିଲେ ହେଁ, ତାଙ୍କ ହାତ ଥରେ ନାହିଁ କି ଦୃଷ୍ଟି ଶକ୍ତି କମି ନାହିଁ। ଆଉ ସେ ବେଶ୍ କୁଶଳତାର ସହ ସୁନ୍ଦର ଟାଟୁ କରିପାରୁଛନ୍ତି। ତେଣୁ ତାଙ୍କ ପାଖରେ ଗ୍ରାହକଙ୍କର ଭିଡ ଜମେ। ନିଜେ ତଳେ ବସି ଗ୍ରାହକଙ୍କୁ ଉପରେ ବସାଇ ବାଉଁଶର ଏକ ଖାସ୍ ଉପକରଣ ବ୍ୟବହାର କରି ଟାଟୁ କରନ୍ତି। ତେଣୁ ହ୍ୱାଙ୍ଗଙ୍କୁ ସବୁଠାରୁ ବୟସ୍କା ଟାଟୁ ଆର୍ଟିଷ୍ଟ ଭାବେ ଗଣନା କରାଯାଉଛି। ତା'ସହ ସେ ଚଳିତ ବର୍ଷ ଭୋଗ ମାଗାଜିନ୍‌ର ପ୍ରଚ୍ଛଦରେ ବି ସ୍ଥାନ ପାଇଛନ୍ତି। ଫଳରେ ସେ ହୋଇପାରିଛନ୍ତି ଭୋଗ ମାଗାଜିନ୍‌ର ପଚ୍ଛଦ ମଣ୍ଡନ କରିଥିବା ସବୁଠାରୁ ବୟସ୍କା  ମହିଳା।





# ନିଆରା ଗାଁ

ପୃଥିବୀରେ ଏମିତି ଅନେକ ଗାଁ ଅଛି ଯାହା ତା'ର ସ୍ୱତନ୍ତ୍ରତା ପାଇଁ ସାରା ପୃଥିବୀରେ ବେଶ୍ ପରିଚିତ ହୋଇଥାଏ। କେଉଁ ଗାଁ ତା'ର ସ୍ୱତନ୍ତ୍ର ପରମ୍ପରା ପାଇଁ ତ କେଉଁ ଗାଁ ରହୁଥିବା ଅଜବ ଲୋକଙ୍କ ପାଇଁ ଭିନ୍ନ ହୋଇଥାଏ। ତେବେ ଆମେ ଏଠାରେ ଯେଉଁ ଗାଁ କଥା କହୁଛୁ ତାହା ବି ସ୍ୱତନ୍ତ୍ର। କାରଣ ଏଠାକାର ଅଧିବାସୀଙ୍କ ଘର ଏକ ଲମ୍ବା ରାସ୍ତାର ଦୁଇ ପାର୍ଶ୍ୱରେ ଅଛି। ଏଠାରେ ସମସ୍ତେ ବେଶ୍ ପାଖାପାଖି ରୁହନ୍ତି। କାହାରି ଘର ଦୂରରେ ନାହିଁ। ରାସ୍ତାର ଦୁଇ ପାର୍ଶ୍ୱରେ ଲଗାଲଗି ହୋଇ ଅଛି। ଆଉ ଏହି ଘରଗୁଡିକ ପଛପଟେ ରହିଛି ସବୁଜ କ୍ଷେତ। ଉକ୍ତ ଗାଁଟି ହେଉଛି ପୋଲାଣ୍ଡର 'ସୁଲୋସଜୋୱା'। ଏହି ଗାଁରେ ପ୍ରାୟ ୬୦୦୦ ଲୋକ ବସବାସ କରନ୍ତି। ଉକ୍ତ ଗାଁର ବିଶେଷତ୍ୱ ହେଉଛି ଏଠାକାର ସୁବିସ୍ତୀର୍ଣ୍ଣ କ୍ଷେତ ମଝିରେ ଏକ ୯ କି.ମି. ଲମ୍ବର ରାସ୍ତା ଯାଇଛି। ଆଉ ଏହି ରାସ୍ତାର ଦୁଇ ପାର୍ଶ୍ୱରେ ହିଁ ଗାଁର ସବୁ ଘର ଲଗାଲଗି ହୋଇ ଅଛି। ଗୋଟିଏ ବି ଘର ଅନ୍ୟ କେଉଁ ସ୍ଥାନରେ ନାହିଁ। ଆକାଶ ମାର୍ଗରୁ ଦେଖିଲେ ରାସ୍ତାଟି ଏକ ସରୁ ଡାଳ ପରି ଓ ଦୁଇ ପାର୍ଶ୍ୱରେ ଥିବା ଘରଗୁଡ଼ିକ ସେହି ଡାଳରେ ଅଙ୍ଗୁର ପରି ଝୁଲି ରହିଥିବା ଭଳି ଲାଗେ।